ଯେତେବେଳେ ଅସୁବିଧା ଆସେ,
ମନକୁ ସ୍ଥିର ରଖିବା ଉଚିତ।
- ଲେନିନ୍

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସେବା ପ୍ରତିନିଧି ପକ୍ଷରୁ ଚାରି ପ୍ରହର ଉଜାଗର ସେବା, ଲିଙ୍ଗରାଜ ମନ୍ଦିର, ସୁନ୍ଦରପଦା, ଭୋର ୩ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ରଙ୍କ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ, ବିଜେବି ନଗର, ବିଡିଏ ପାର୍କ, ମହିଷାଖାଲ, ପୂର୍ବାହ୍ନ ୯ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ, ରାଜଭବନ ଛକ ପାର୍ଶ୍ୱ, ସ୍ୱତନ୍ତ୍ର ସର୍କିଟ ହାଉସ ରାସ୍ତା, ପୂର୍ବାହ୍ନ ୧୦ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ କବିବର ରାଧାନାଥ ରାୟଙ୍କ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ, ପିଏମ୍‌ଜି ଛକ, ପୂର୍ବାହ୍ନ ୧୦ଟା ୩୦।
- ପୂର୍ବତଟ ରେଳପଥ ପକ୍ଷରୁ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଉଦ୍‌ଘାଟନ, ରେଳ ପ୍ରେକ୍ଷାଳୟ, ଭୁବନେଶ୍ୱର, ପୂର୍ବାହ୍ନ ୧୦ଟା ୩୦।
- ଜୋନ୍‌ସ୍ତରୀୟ ଖଦି ଓ ଗ୍ରାମୋଦ୍ୟୋଗ ପ୍ରଦର୍ଶନୀ, ଖଦି ବୋର୍ଡ କାର୍ଯ୍ୟାଳୟ ପରିସର, ଜନପଥ, ଖାରବେଳ ନଗର, ଅପରାହ୍ନ ୨ଟାରୁ ରାତି ୯ଟା।
- ବାସନ୍ତୀ ବହି ଉପରେ ଆଲୋଚନାଚକ୍ର, ପୂରବୀ, ମାଉସୀ ମା' ମନ୍ଦିର ନିକଟ, ଗୌତମ ନଗର, ସନ୍ଧ୍ୟା ୬ଟା।
- ନୃତ୍ୟଶାଳା ଓ କଳାକୃତିର ମିଳିତ ଆନୁକୂଲ୍ୟରେ ଶାସ୍ତ୍ରୀୟ ଉତ୍ସବ ମାର୍ଗୀ, ଉତ୍କଳ ରଙ୍ଗମଞ୍ଚ, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସର, ସନ୍ଧ୍ୟା ୬ଟା ୩୦।
- ବୟନିକା, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଜାତୀୟ ହସ୍ତତନ୍ତ ମେଳା, ଇଡ୍‌କୋ ପ୍ରଦର୍ଶନୀ ପଡିଆ, ସନ୍ଧ୍ୟା ୬ଟା ୩୦।

**କଟକ**

- ଫ୍ରେଣ୍ଡସ୍ କ୍ଲବ ପକ୍ଷରୁ ନୀଳକଣ୍ଠେଶ୍ୱରଙ୍କ ୨୫ତମ ବାର୍ଷିକ ଅଖଣ୍ଡ ଭଜନ ସମାରୋହ, ମଦନମୋହନଜୀଉ ମନ୍ଦିର ସମ୍ମୁଖ, ସନ୍ଧ୍ୟା ୬ଟା ।
- ମହାଶିବରାତ୍ରି (ଜାଗର ପର୍ବ) ମହୋତ୍ସବ, ଚହଟେଶ୍ୱର ମହାଦେବଙ୍କ ପୀଠ, ଚହଟାଘାଟ, ବିଡ଼ାନାସୀ, ସନ୍ଧ୍ୟା ୬ଟା।

**ପୁରୀ**

- ବାବା ଆଖଣ୍ଡଳମଣୀ ମନ୍ଦିର ଜାଗର ଉତ୍ସବ, ନବକଳେବର ରୋଡ, ସନ୍ଧ୍ୟା ୬ଟା।

**ଖୋର୍ଦ୍ଧା**

- ଧବଳେଶ୍ୱରଙ୍କ ପୀଠରେ ଯାଗରଯାତ୍ରାରେ ପହଡଖୋଲା, ଗୁରୁଜଙ୍ଗ, ଭୋର ୩ଟା।
- ଏକାଦଶ ରୁଦ୍ର ହଟ୍ଟକେଶ୍ୱରଙ୍କ ପୀଠରେ ଯାଗରଯାତ୍ରାରେ ଦ୍ୱାରଫିଟା, ଅଟ୍ରି, ଭୋର ୪ଟା।

**ବାଲିଅନ୍ତା**

- ସୂର୍ଯ୍ୟପୂଜା, ମଣ୍ଡଳାଦି ପୂଜା, ରୁଦ୍ରାଭିଷେକ ଓ ରାମ-ହନୁମାନ ଆହୁତି, ଶ୍ରୀ ଆଖଣ୍ଡଳେଶ୍ୱର ମହାଦେବ ପୀଠ, ପ୍ରତାପରୁଦ୍ରପୁର, ସକାଳ ୮ଟା।
- ଶ୍ରୀ ଅଟଳେଶ୍ୱର ମହାଦେବଙ୍କ ଜନ୍ମବାର୍ଷିକୀ ଓ ଅଷ୍ଟପ୍ରହର ନାମ ଯଜ୍ଞ, ଅଟଳା, ଅପରାହ୍ନ ୪ଟା।

## ସାପ କାମୁଡ଼ାରେ ବୃଦ୍ଧାଙ୍କ ମୃତ୍ୟୁ

**ଗୋପ, ୩।୩(ଡି.ଏନ୍.ଏ.):** କୋଣାର୍କ ଥାନା ଅଧୀନ ସନ୍ତରସ ଗ୍ରାମର ଶଶିଲତା ପାଣି (୬୮)ଙ୍କର ରବିବାର ସାପକାମୁଡ଼ାରେ ମୃତ୍ୟୁ ହୋଇଛି। ଶଶିଲତା ମଧାହ୍ନରେ ନିଜ ବାଡ଼ିପଟକୁ ଶୌଚ ହେବାକୁ ଯାଇଥିବାବେଳେ ହଠାତ୍ ତାଙ୍କ ଗୋଡ଼କୁ ଏକ ସାପ କାମୁଡ଼ି ଦେଇଥିବାବେଳେ ସେ ଅସୁସ୍ଥ ଅନୁଭବ କରିଥିଲେ। ପରିବାର ଲୋକେ ଶଶିଲତାଙ୍କୁ ଗୋପ ଡାକ୍ତରଖାନା ଆଣିଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ କୋଣାର୍କ ପୋଲିସ ଗୋପ ଡାକ୍ତରଖାନାରେ ପହଞ୍ଚି ମୃତ ଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଚାରିଛକ ଡାକ୍ତରଖାନାକୁ ପଠାଇଥିବା ଜଣାପଡ଼ିଛି। ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି କୋଣାର୍କ ଥାନାଧିକାରୀ ସଞ୍ଜୀବ କୁମାର ପ୍ରଧାନ ସୂଚନା ଦେଇଛନ୍ତି।


ଧବଳେଶ୍ୱର ମନ୍ଦିର


ଲୋକନାଥ ମନ୍ଦିର


ଶ୍ରୀଲିଙ୍ଗରାଜ ମନ୍ଦିର


କଟକ ଖାନନଗର ପାର୍କ ନିକଟ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନ ମେଳାରେ ପୂଜା ପାଉଥିବା (ବାମରୁ) ରାମେଶ୍ୱରମ୍, ସୋମନାଥ, ଗ୍ରିଷ୍ଣେଶ୍ୱର ଓ ମହାକାଳେଶ୍ୱର।

### ମହାଦୀପ ଉଠିବା ସମୟ



**ଶ୍ରୀଲିଙ୍ଗରାଜ ମନ୍ଦିର**
ରାତି ୧୦ଟା

**ଲୋକନାଥ ମନ୍ଦିର**
ରାତି ୨ଟାରୁ ୩ଟା

**ଧବଳେଶ୍ୱର ମନ୍ଦିର**
ରାତି ୧ଟା

# ପ୍ରତିଦିନ ଖୋଲାରହିବ 'କଳାଭୂମି'





**ଭୁବନେଶ୍ୱର,୩।୩(ବ୍ୟୁରୋ)**

- ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର କର୍ମଶାଳା
- ମ୍ୟୁଜିୟମ୍ ୱାକ୍, ଲାଇଭ୍ ମ୍ୟୁଜିକ୍ କନସର୍ଟ ଆକର୍ଷଣ

ଏଣିକି ପ୍ରତିଦିନ ଖୋଲିବ ରାଜ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ସଂଗ୍ରହାଳୟ 'କଳାଭୂମି'। ଦର୍ଶକ ତଥା ପର୍ଯ୍ୟଟକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ସଂଗ୍ରହାଳୟକୁ ସପ୍ତାହକ ୭ ଦିନ ଖୋଲା ରଖିବାକୁ ନିଷ୍ପତ୍ତି ନେଇଛନ୍ତି ସଂଗ୍ରହାଳୟ କର୍ତ୍ତୃପକ୍ଷ। ପୂର୍ବରୁ ପ୍ରତି ସୋମବାର ସଂଗ୍ରହାଳୟ ବନ୍ଦ ରହୁଥିବା ବେଳେ ଚଳିତ ସପ୍ତାହରୁ ସୋମବାରରୁ ରବିବାର ସବୁଦିନ କଳାଭୂମି ଖୋଲାରହିବ।

ଫେବୃୟାରୀ ୧୮ ତାରିଖ ପରଠାରୁ ପ୍ରତ୍ୟହ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ସଂଗ୍ରହାଳୟକୁ ଖୋଲା ରଖିବା ପାଇଁ ସ୍ଥିର ହୋଇଛି। ପ୍ରତି ରବିବାର ସନ୍ଧ୍ୟାରେ ଏଠାରେ ମ୍ୟୁଜିୟମ୍ ୱାକ୍ ସହ ଲାଇଭ୍ ମ୍ୟୁଜିକ୍ କନସର୍ଟ ଆୟୋଜନ ହେବ। ଏକାମ୍ର ୱାକ୍ ପକ୍ଷରୁ ଆୟୋଜିତ ହେଉଥିବା ମ୍ୟୁଜିୟମ୍ ୱାକ୍ ପାଇଁ ରବିବାର ଅପରାହ୍ନ ୩ଟା ୩୦ରୁ ୫ଟା ପର୍ଯ୍ୟନ୍ତ ପ୍ରବଳ ଗହଳି ହୋଇଥାଏ। ସେହିଭଳି 'କଳାଭୂମି' ପକ୍ଷରୁ ଆୟୋଜିତ ହେଉଥିବା ମ୍ୟୁଜିୟମ୍ ଟୁର୍ ଏଠାକାର ଆଉ ଏକ ପ୍ରମୁଖ ଆକର୍ଷଣ। ପର୍ଯ୍ୟଟକଙ୍କ ପାଇଁ ପ୍ରତିଦିନ ଏଠାରେ ଓଡ଼ିଆ, ଇଂଲିଶ ଏବଂ ହିନ୍ଦୀରେ ଗାଇଡେଡ୍ ମ୍ୟୁଜିୟମ୍ ଟୁର୍ ଆୟୋଜିତ ହେଉଛି। ପୂର୍ବାହ୍ନ ୧୧ଟାରୁ ୧୨ଟା ପର୍ଯ୍ୟନ୍ତ ଇଂଲିଶ ଗାଇଡେଡ୍ ଟୁର୍, ଅପରାହ୍ନ ୧୨ଟା ୩୦ରୁ ୧ଟା ୩୦ ପର୍ଯ୍ୟନ୍ତ ହିନ୍ଦୀ ଏବଂ ୩ଟାରୁ ୪ଟା ପର୍ଯ୍ୟନ୍ତ ଓଡ଼ିଆ ଗାଇଡେଡ୍ ଟୁର୍ ଆୟୋଜିତ ହେଉଛି। ଏହାସହ ନିୟମିତ ବ୍ୟବଧାନରେ ବିଭିନ୍ନ କର୍ମଶାଳାର ଆୟୋଜନ ହେଉଥିବା ବେଳେ ମ୍ୟୁଜିୟମ୍ ପରିସରରେ ଦିବ୍ୟାଙ୍ଗ ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର କର୍ମଶାଳା କରାଯାଉଛି। 'ଦ ପ୍ଲେ ୱିଥ୍ ଦ କ୍ଲେ' ୱାର୍କଶପ୍‌ରେ କୁନି କୁନି ଦିବ୍ୟାଙ୍ଗ ପିଲାମାନେ ମାଟିରୁ ବିଭିନ୍ନ ପ୍ରକାର ସାମଗ୍ରୀ ତିଆରି କରିବା ଶିକ୍ଷା କରୁଛନ୍ତି। ମାଟି ସହ ଖେଳିବା ଦ୍ୱାରା କିଭଳି ସେମାନଙ୍କ ମାନସିକ ଓ ଶାରୀରିକ ବିକାଶ ହୋଇଥାଏ, ତାହା ଏହି କର୍ମଶାଳାରେ ଶିଖାଯାଉଛି। ଏହାବ୍ୟତୀତ ନିକଟରେ ଏକ ଇଞ୍ଜିନିୟରିଂ କଲେଜର ୪୮ଜଣ ଛାତ୍ରୀଛାତ୍ର ଓ ଅଧ୍ୟାପକ କଳାଭୂମି ପରିଦର୍ଶନ କରିବା ସହ ବିଭିନ୍ନ ବିଷୟରେ ଅବଗତ ହୋଇଥିଲେ। ଫେବୃୟାରୀକୁ 'କଳାଭୂମି' ପକ୍ଷରୁ ଟେରାକୋଟା ମାସ ଭାବେ ପାଳନ କରାଯାଉଥିବା ବେଳେ ଓଡ଼ିଶାର ଟେରାକୋଟା ଶିଳ୍ପର ପ୍ରଚାର ପ୍ରସାର ପାଇଁ ପଦକ୍ଷେପ ନିଆଯାଇଛି।

ପ୍ରାୟ ୪୫୦୦ ବିରଳ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀକୁ ନେଇ ଭୁବନେଶ୍ୱର ଗଣ୍ଡମୁଣ୍ଡାଠାରେ କଳାଭୂମି ସଂଗ୍ରହାଳୟ ସ୍ଥାପିତ ହୋଇଛି। ପୂର୍ବ ଭାରତର ଏହି ପ୍ରଥମ ହସ୍ତତନ୍ତ ଓ ହସ୍ତଶିଳ୍ପ ସଂଗ୍ରହାଳୟରେ ପାଖାପାଖି ୧୦ଟି ଗ୍ୟାଲେରି ରହିଛି। ପଥର ସାମଗ୍ରୀ ସହ ଟେରାକୋଟା ସାମଗ୍ରୀ, ଘରସଜ୍ଜା ସାମଗ୍ରୀ, ପିତ୍ତଳ, କାଠ ଓ ଲୁହାନିର୍ମିତ ସାମଗ୍ରୀ, ପଟଚିତ୍ର, ଚାନ୍ଦୁଆ, ଡୋକ୍ରା ଶିଳ୍ପ, ବିଭିନ୍ନ ହସ୍ତତନ୍ତ୍ର ସାମଗ୍ରୀ ଏଠାକାର ଆକର୍ଷଣ ସାଜୁଛି।


ମାଟିରେ ବିଭିନ୍ନ ସାମଗ୍ରୀ ତିଆରି କୌଶଳ ଶିକ୍ଷା ଦିଆଯାଉଛି।

# ଶ୍ରୀଲିଙ୍ଗରାଜ ମନ୍ଦିରରେ ପାସ୍ ପାଇଁ ସେବାୟତଙ୍କ ହୋହଲ୍ଲା

**ପୁରୁଣା ଭୁବନେଶ୍ୱର, ୩। ୩(ଡି.ଏନ.ଏ.)**

### ଆଜି ମହାଶିବରାତ୍ରି

**୧୮ ପ୍ଲାଟୁନ୍ ଫୋର୍ସ ମୁତୟନ**

ଏକାମ୍ରକ୍ଷେତ୍ରର ଆରାଧ୍ୟ ଦେବତା ଶ୍ରୀଲିଙ୍ଗରାଜଙ୍କ ମନ୍ଦିରରେ ଶିବରାତ୍ରି ଲାଗି ସମସ୍ତ ପ୍ରସ୍ତୁତି ସରିଛି। ରାଜ୍ୟ ଓ ରାଜ୍ୟ ବାହାରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଗହଳି ଦିନତମାମ ଲାଗି ରହିବ। ଶ୍ରଦ୍ଧାଳୁମାନେ ମନ୍ଦିର ପରିସରରେ ରାତି ଉଜାଗର ହୋଇ ଦୀପ ଜାଳିବେ। ଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡପକ୍ଷରୁ ନିର୍ଘଣ୍ଟ କରାଯାଇଥିବା ସମୟ ଅନୁଯାୟୀ ରାତି ୧୦ଟାରେ ମହାଦୀପ ଉଠିବ। ଏଥିପାଇଁ ଠାକୁରଙ୍କ ନୂତନ ବସ୍ତ୍ର ରବିବାର ସନ୍ଧ୍ୟାରେ ମନ୍ଦିର କାର୍ଯ୍ୟାଳୟରେ ପହଞ୍ଚିଛି। ମନ୍ଦିରକୁ ଆଲୋକମାଳାରେ ସଜ୍ଜିତ କରାଯାଇଥିବାବେଳେ ସିଂହଦ୍ୱାରକୁ ଫୁଲରେ ସଜା ଯାଇଛି। ତେବେ ପାସ୍‌କୁ ନେଇ ମନ୍ଦିର କାର୍ଯ୍ୟାଳୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଚଳିତବର୍ଷ ପାସ୍ ୬ ଶହରୁ ୮୦୦କୁ ବୃଦ୍ଧି ହେବାକୁ ସ୍ଥିର ହୋଇଥିଲା। ହେଲେ ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହୋଇଥିଲା। ପ୍ରତି ନିଯୋଗକୁ ୪୦ଟି ଲେଖାଏ ପାସ୍ ଦେବାକୁ ସ୍ଥିର ହୋଇଥିଲା ବେଳେ ୩୫ଟି ଲେଖାଏ ପାସ୍ ଦିଆଯିବାରୁ ସେବାୟତମାନେ ଅସନ୍ତୋଷ ପ୍ରକାଶ କରିବା ସହ ହୋହଲ୍ଲା କରିଥିଲେ। ଅନ୍ୟପକ୍ଷରେ ଲିଙ୍ଗରାଜ ଥାନା ପରିସରରେ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଉଚ୍ଚ ଅଧିକାରୀଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ମହାଶିବରାତ୍ରି ପାଇଁ ୧୮ ପ୍ଲାଟୁନ ଫୋର୍ସ ମୁତୟନ ହେବେ ବୋଲି କମିଶନର ସୂଚନା ଦେଇଥିଲେ। ସାଦା ପୋଷାକଧାରୀ ପୋଲିସ ବିଭିନ୍ନ ସ୍ଥାନରେ ମୁତୟନ ହେବା ସହ ଗହଳିରେ ଲୁଟେରାଙ୍କ ଉପରେ ନଜର ରଖିବେ ବୋଲି ବୈଠକରେ ସିପି ସୂଚନା ଦେଇଛନ୍ତି।

# ବାଇକ୍‌କୁ ଧକ୍କା ଦେଲା ପାଣିଟ୍ୟାଙ୍କର, ୨ ମୃତ

**ବାରଙ୍ଗ,୩।୩(ଡି.ଏନ୍.ଏ.)**

### କ୍ଷତିପୂରଣ ଦାବିରେ ଧାରଣା

ମେଣ୍ଢାଶାଳ ଫାଣ୍ଡି ଅନ୍ତର୍ଗତ ଡେରାସ ଫାର୍ମର ସି ଫୁଡ୍ ପାର୍କ ଭିତରେ ରବିବାର ଏକ ବାଇକକୁ ଗୋଟିଏ ପାଣିଟ୍ୟାଙ୍କର ଧକ୍କା ଦେବାରୁ ଦୁଇଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଜଣେ ଗୁରୁତର ହୋଇଛି। ମୃତକଦ୍ୱୟ ହେଲେ ଚନ୍ଦକା ଥାନା ଅନ୍ତର୍ଗତ ଭତକୁଡି ଗ୍ରାମର ମିଥୁନ ଜେନା ଓ ହିରଣ୍ୟ ଦେଉରୀ। ଗୁରୁତର ବାବୁଆ ଦେଉରୀଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କର ଚାଳକଙ୍କୁ ପୋଲିସ ଅଟକ ରଖିଛି। ପ୍ରକାଶ ଯେ, ମେଣ୍ଢାଶାଳ ଗ୍ରାମ ନିକଟ ଡେରାସ ଫାର୍ମର ଚିଙ୍ଗୁଡି ଫ୍ୟାକ୍ଟ୍ରିରେ ମିଥୁନ, ହିରଣ୍ୟ ଓ ବାବୁଆ ମିଶି କାମ କରୁଥିଲେ। ଦିନ ଦ୍ୱିପ୍ରହରରେ ତିନିଜଣ ଖାଇବା ପାଇଁ ବାଇକ ଓଡି ୩୩ ଭି ୧୯୩୮ନଂରେ କ୍ୟାଣ୍ଟିନକୁ ଆସୁଥିଲେ। ଅପରପକ୍ଷେ ଓଆର ୦୬-୭୯୮୬ନଂ ବିଶିଷ୍ଟ ଏକ ପାଣିଟ୍ୟାଙ୍କରଟି ମଧ୍ୟ କ୍ୟାଣ୍ଟିନ ଆଡକୁ ଦ୍ରୁତଗତିରେ ଆସୁଥିବାବେଳେ ବାଇକ୍ ପଛପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ମିଥୁନ ଓ ହିରଣ୍ୟଙ୍କ ମୃତ୍ୟୁ ହୋଇଥିବାବେଳେ ବାବୁଆ ଗୁରୁତର ଆହତ ହୋଇଥିଲେ। ଖବରପାଇ ମେଣ୍ଢାଶାଳ ଫାଣ୍ଡି ଅଧିକାରୀ ଅଜୟ କୁମାର ଲେଙ୍କା ପହଞ୍ଚି ଆହତ ବାବୁଆଙ୍କୁ ହସ୍ପିଟାଲ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଗାଡିଗୁଡିକୁ ଜବତ କରିଥିଲା। ସନ୍ଧ୍ୟାରେ ମୃତକଦ୍ୱୟଙ୍କ ପରିବାର ପକ୍ଷରୁ ଗ୍ରାମବାସୀଙ୍କ ସହାୟତାରେ ଚିଙ୍ଗୁଡି ଫ୍ୟାକ୍ଟ୍ରିର ଗେଟ ସାମ୍ନାରେ କ୍ଷତିପୂରଣ ଦାବିରେ ଧାରଣା ଦେଇଥିଲେ। ଫାଣ୍ଡି ଅଧିକାରୀ ଅଜୟ ମଲ୍ଲିକ ଆସି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା ପରେ ଲୋକେ ଧାରଣାରୁ ଉଠି ଫ୍ୟାକ୍ଟ୍ରି ମାଲିକ ସହ ଆଲୋଚନା କରିଥିଲେ।

# ପ୍ରଫେସର ଦାଶରଥି ଦାସ ପାଇଲେ ସାହିତ୍ୟ ଏକାଡେମୀ ପୁରସ୍କାର

**କଟକ ଅଫିସ, ୩।୩**

ବିଶିଷ୍ଟ ସମାଲୋଚକ ପ୍ରଫେସର ଦାଶରଥି ଦାସଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ରବିବାର ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ କଟକ ଶତାବ୍ଦୀ ଭବନରେ ସାହିତ୍ୟ ଏକାଡେମୀ ପକ୍ଷରୁ ଏକ ସ୍ୱତନ୍ତ୍ର ଉତ୍ସବ ଆୟୋଜନ କରାଯାଇଥିଲା। କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ତଥା କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ଡ. ବିଜୟାନନ୍ଦ ସିଂହ ଏହି ପୁରସ୍କାର ପ୍ରଫେସର ଦାସଙ୍କୁ ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରଦାନ କରିଥିଲେ। ପ୍ରଫେସର ଦାସଙ୍କ ସାହିତ୍ୟ ସାଧନା, ଓଡ଼ିଆ ସମାଲୋଚନା ସାହିତ୍ୟକୁ ସମୃଦ୍ଧ କରିଛି ବୋଲି ଡ. ସିଂହ କହିଥିଲେ। ପ୍ରଫେସର ଦାସ ପୁରସ୍କାର ଗ୍ରହଣକରି କହିଥିଲେ, ପୁରସ୍କାର ଘୋଷଣା ପରେ ମୋର ଶୁଭେଚ୍ଛୁ ଓ ପାଠକମାନଙ୍କ ଶ୍ରଦ୍ଧା, ସ୍ନେହ ଓ ଆନ୍ତରିକତାରେ ମୁଁ ମୁଗ୍ଧ ହୋଇଛି। କେନ୍ଦ୍ର ସାହିତ୍ୟ ଏକାଡେମୀ କାର୍ଯ୍ୟକ୍ରମ ଅଧିକାରୀ ଡ. ମିହିର କୁମାର ସାହୁ ମାନପତ୍ର ପାଠ କରିଥିଲେ।

## ଫଟୋରେ ଖବର



ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିଭିନ୍ନ ସଂଗଠନ ପକ୍ଷରୁ ଯୁଦ୍ଧ ବିରୋଧରେ ଶାନ୍ତି ପାଇଁ ରବିବାର ଅନୁଷ୍ଠିତ ନାଗରିକ ସମାବେଶରେ ସାମିଲ ହୋଇଥିବା ବ୍ୟକ୍ତିମାନେ ସ୍ଲୋଗାନ୍ ଦେଉଛନ୍ତି।


ଭୁବନେଶ୍ୱର ସୂଚନା ଭବନଠାରେ ବୀଣାପାଣି ନାଟ୍ୟ ସଂସ୍ଥା ପକ୍ଷରୁ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପରିବେଷିତ 'କାଞ୍ଚି ଅଭିଯାନ'।



ଯେଉଁ ଲୋକ ଦାୟିତ୍ୱ ତୁଲାଇ ଜାଣିନାହିଁ ବା ଦାୟିତ୍ୱ କ'ଣ ବୁଝିନାହିଁ, ସେ କେବେହେଲେ ନେତୃତ୍ୱ ନେଇପାରିବ ନାହିଁ।
- ସ୍ୱାମୀ ସଚ୍ଚିଦାନନ୍ଦ

## ସଂକ୍ଷେପରେ

### 'ଡ୍ରିମ୍‌ସ'କୁ ଶ୍ରେଷ୍ଠ ଷ୍ଟୁଡେଣ୍ଟ ଚାପ୍ଟର ପୁରସ୍କାର

**କଟକ ଅଫିସ, ୩।୩:** ଡ୍ରିମ୍‌ସ ସ୍ୱୟଂଶାସିତ ବୈଷୟିକ ମହାବିଦ୍ୟାଳୟକୁ ଇଣ୍ଡିଆନ ସୋସାଇଟି ଫର ଟେକ୍‌ନିକାଲ ଏଜୁକେଶନ (ଆଇଏସ୍‌ଟିଇ) ପକ୍ଷରୁ ଶ୍ରେଷ୍ଠ ଷ୍ଟୁଡେଣ୍ଟ ଚାପ୍ଟର ପୁରସ୍କାର ମିଳିଛି। ନିକଟରେ ଅହମ୍ମଦାବାଦରେ ଅନୁଷ୍ଠିତ ଆଇଏସ୍‌ଟିଇର ୨୧ତମ ଜାତୀୟ ବାର୍ଷିକ କନ୍‌ଭେନସନରେ 'ଡ୍ରିମ୍‌ସ'କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସାମଗ୍ରିକ ନେତୃତ୍ୱ ଓ ସଫଳତାପୂର୍ଣ୍ଣ କାର୍ଯ୍ୟକ୍ରମ ଆୟୋଜନ କ୍ଷେତ୍ରରେ ଓଡ଼ିଶାର ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟରେ ଅଗ୍ରଣୀ ଥିବାରୁ 'ଡ୍ରିମ୍‌ସ' ଏହି ପୁରସ୍କାର ପାଇଁ ମନୋନୀତ ହୋଇଥିଲା। ଏଥିପାଇଁ କ୍ୟାମ୍ପସ ପରିସରସ୍ଥ ରାଣୀଦେବୀ ଅଡିଟୋରିୟମରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥଙ୍କୁ ପୁରସ୍କାର ସ୍ୱରୂପ ମିଳିଥିବା ପ୍ରଶସ୍ତିପତ୍ର ଓ ସାର୍ଟିଫିକେଟ ହସ୍ତାନ୍ତର କରାଯାଇଥିଲା। ଏଥିରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଅଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ଦାସ ଓ ପ୍ରାଧ୍ୟାପକ ମାନସ ରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଷ୍ଟୁଡେଣ୍ଟ ଚାପ୍ଟରର ସଦସ୍ୟମାନଙ୍କୁ ମଧ୍ୟ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

### ହ୍ୱାଟ୍ସଆପ୍‌କୁ ଆସୁଛି ଅଶ୍ଳୀଳ ଭିଡିଓ, ଫଟୋ
#### ଥାନାରେ ଅଭିଯୋଗ କଲେ ଯୁବତୀ

**ଭୁବନେଶ୍ୱର,୩।୩(ବ୍ୟୁରୋ):** ଜଣେ ଯୁବତୀଙ୍କ ହ୍ୱାଟ୍ସଆପ୍ ନମ୍ବରକୁ ଏକ ଅଜଣା ନମ୍ବରରୁ ଅଶ୍ଳୀଳ ଫଟୋ ଓ ଭିଡିଓ ଆସୁଛି। ଏପରି କି ଉକ୍ତ ନମ୍ବରକୁ ଯୁବତୀ ଜଣକ ବ୍ଲକ୍ ଲିଷ୍ଟ କରିଥିଲେ ମଧ୍ୟ ଆଉ କେତେକ ନମ୍ବରରୁ ଅଶ୍ଳୀଳ ଭିଡିଓ ଆସୁଛି। ଏନେଇ ଯୁବତୀ ଜଣକ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗ ଆଧାରରେ ଘଟଣାର ତଦନ୍ତ କରୁଛି। ଯୁବତୀ ଜଣକ ନର୍ସ ଥିବାବେଳେ ସେ ନୟାପଲ୍ଲୀ ଅଞ୍ଚଳର ଏକ ଲେଡିସ୍ ହଷ୍ଟେଲରେ ରହୁଛନ୍ତି। କିଛି ଦିନ ତଳେ ଏକ ଅଜଣା ନମ୍ବରରୁ ଫୋନ୍ କଲ ଆସିଥିଲା। ଜଣେ ଯୁବକ ତାଙ୍କୁ ପ୍ରେମ ନିବେଦନ କରିଥିଲେ। ଯୁବତୀ ମନା କରିବାରୁ ଯୁବକ ଜଣକ ତାଙ୍କୁ ଗାଳିଗୁଲଜ କରିବା ସହ ଅଶ୍ଳୀଳ ଇଙ୍ଗିତ କରିଥିଲେ। ଏହାପରେ ଯୁବକ ଜଣକ ଯୁବତୀଙ୍କୁ ଅଶ୍ଳୀଳ ଭିଡିଓ, ଫଟୋ ପଠାଉଛନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଜୈନଧର୍ମର ଆଧାରଶିଳା ହେଉଛି ଓଡ଼ିଶା

**ଭୁବନେଶ୍ୱର,୩।୩(ବ୍ୟୁରୋ)**

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଜୈନ ଚେୟାର ଏବଂ ନୂଆଦିଲ୍ଲୀସ୍ଥିତ ଅଖିଳ ଭାରତୀୟ ଦିଗମ୍ବର ଜୈନ ତୀର୍ଥ ସଂରକ୍ଷଣୀ ମହାସଭାର ମିଳିତ ଆନୁକୂଲ୍ୟରେ ଦୁଇଦିନିଆ ଜାତୀୟ ଆଲୋଚନାଚକ୍ର ରବିବାର ସୂଚନା ଭବନଠାରେ ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ପୌରୋହିତ୍ୟ କରି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର କମଳକାନ୍ତ ମିଶ୍ର କହିଥିଲେ, ଜୈନଧର୍ମର ଆଧାର ଶିଳା ଭାବେ ଓଡ଼ିଶା ସମଗ୍ର ବିଶ୍ୱରେ ପ୍ରସିଦ୍ଧି ଅର୍ଜନ କରିଛି। ଖଣ୍ଡଗିରି ଓ ଉଦୟଗିରିକୁ ବିଶ୍ୱ ଐତିହ୍ୟର ମାନ୍ୟତା ଦେବା ପାଇଁ ଉଦ୍ୟମ ଅବ୍ୟାହତ ରହିଛି। ଅଖିଳ ଭାରତୀୟ ଦିଗମ୍ବର ଜୈନ ମହାସଭା ସଭାପତି ନିର୍ମଳ କୁମାର ଜୈନ ଆଲୋଚନାଚକ୍ରର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଜୈନଧର୍ମ ସମ୍ରାଟ ଖାରବେଳଙ୍କ ସମୟରୁ ପ୍ରୋତ୍ସାହନ ପାଇଆସିଛି, ଯାହାକି ପରବର୍ତ୍ତୀ ସମୟରେ ପୂର୍ବ ଭାରତକୁ ପରିବ୍ୟାପ୍ତ ହୋଇଥିବା ସେ କହିଥିଲେ।

ତ୍ରିପୁରା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଭି.ଏଲ୍. ଧାରୁରକର ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସେ ନିଜ ଅଭିଭାଷଣରେ କହିଥିଲେ, ଧର୍ମକୁ ବ୍ୟବହାରିକ ଜୀବନର ଆଚରଣ କରିବାରେ ଜୈନଧର୍ମ ମାର୍ଗଦର୍ଶନ ଦେଇଛି। ବିଶ୍ୱର ଏକ ସର୍ବପୁରାତନ ଧର୍ମ ହେଉଛି ଜୈନଧର୍ମ। ଏହା ଅହିଂସାକୁ ବିଶ୍ୱମୁଖୀ କରାଇଛି। ଏହି ଅବସରରେ ବିଶିଷ୍ଟ ଜୈନ ବିଶେଷଜ୍ଞ ହରିଶ୍ଚନ୍ଦ୍ର ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ 'ଜୈନଧର୍ମର ଐତିହ୍ୟ' ସମ୍ବନ୍ଧିତ ଏକ ଫଟୋଚିତ୍ର ପ୍ରଦର୍ଶନୀକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଜୈନ ଚେୟାର ଏବଂ ଅଖିଳ ଭାରତୀୟ ଦିଗମ୍ବର ଜୈନ ତୀର୍ଥ ସଂରକ୍ଷଣୀ ମହାସଭା, ଓଡ଼ିଶାର ମିଳିତ ପ୍ରଯୋଜନାରେ ନିର୍ମିତ ଡକ୍ୟୁମେଣ୍ଟାରୀ ଫିଲ୍ମ 'ଜୈନ ହେରିଟେଜ୍ ଇନ୍ ଓଡ଼ିଶା' ପ୍ରଦର୍ଶିତ ହୋଇଥିଲା। ଉତ୍ସବରେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳସଚିବ ମନୋଜ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଜଗନ୍ନାଥ କୁଅଁର ଧନ୍ୟବାଦ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ଗୁରୁ ମନୋରଞ୍ଜନ ପ୍ରଧାନଙ୍କ ନୃତ୍ୟ ସଂଯୋଜନାରେ ସ୍ନାତକୋତ୍ତର ବିଭାଗ ଏବଂ ଏମ୍.ଫିଲ୍. ଛାତ୍ରୀଛାତ୍ର ଓଡ଼ିଶୀ ନୃତ୍ୟରେ 'କୃଷ୍ଣସ୍ତୁତି' ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଆଲୋଚନାଚକ୍ରର ଏକ ସାରାଂଶ ପୁସ୍ତିକା ଲୋକାର୍ପିତ ହୋଇଥିଲା। ସେହିଭଳି ଆଲୋଚନାଚକ୍ର ଅଧିବେଶନରେ 'ସମ୍ରାଟ ଖାରବେଳ କା ଐତିହାସିକ୍ ଶିଳାଲେଖ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଆଲୋଚନାଚକ୍ରକୁ ଜୈନ ଚେୟାରର ସଂଯୋଜିକା ଡ. ସୁଚିତ୍ରା ଦାସ ପରିଚାଳନା କରିଥିଲେ।



ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ଯବାନ ଏବଂ ପାକିସ୍ତାନରୁ ଫେରି ଆସିଥିବା ୱିଙ୍ଗ୍ କମାଣ୍ଡର ଅଭିନନ୍ଦନଙ୍କ ଉଦ୍ଦେଶ୍ୟରେ ରବିବାର ଭୁବନେଶ୍ୱର ଜିଜିପି କଲୋନୀରୁ ନେତାଜୀ ୟୁଥ୍ କ୍ଲବ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

## ଦ୍ୱିତୀୟ ଓଡ଼ିଶା ଯାତ୍ରା ଦର୍ଶକ ପରିବାର ପୁରସ୍କାର

**ଭୁବନେଶ୍ୱର,୩।୩(ବ୍ୟୁରୋ)**

ଓଡ଼ିଶା ଯାତ୍ରା ଦର୍ଶକ ପରିବାର ପକ୍ଷରୁ ରବିବାର ପଟିଆସ୍ଥିତ କାନନ ବିହାର ଫେଜ୍-୨ଠାରେ ଦ୍ୱିତୀୟ ଓଡ଼ିଶା ଯାତ୍ରା ଦର୍ଶକ ପରିବାର ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯାତ୍ରା ଜଗତରେ ସୁନାମ ଅର୍ଜନ କରିଥିବା କଳାକାରମାନଙ୍କୁ ବିଭିନ୍ନ ବିଭାଗରେ ପୁରସ୍କୃତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଓଡ଼ିଶା କିନ୍ନର ସମାଜ ସଭାପତି ମୀରା ପରିଡ଼ା ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଯାତ୍ରା ସମୀକ୍ଷକ ଏଚ୍.କେ. ହୀରାଲାଲ ଏବଂ ସମ୍ମାନିତ ଅତିଥି ଭାବେ ଯାତ୍ରା ଖଳନାୟକ ଦୈତାରୀ ପଣ୍ଡା, ନାୟକ ଗୌର ଦାସ, ଯାତ୍ରା ନିର୍ଦ୍ଦେଶକ ସମ୍ବିତ ରଥଶର୍ମା, ସିଆଇଏସ୍‌ଏଫ୍ ମେଜର ଅଶୋକ କୁମାର ଜେନା, ଏସ୍‌ଏସ୍ ବାଟାଲିୟନର ମେଜର ଏଚ୍.ପି. ହରିଚନ୍ଦନ, ନୀଳାଦ୍ରି ବିହାର ଯୁବ ଓ ସାଂସ୍କୃତିକ ସଂଘ ସଭାପତି ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶା ଯାତ୍ରା ଦର୍ଶକ ପରିବାର ଚଳିତବର୍ଷ ୨୦ଟି କାଟେଗୋରିରେ ୮୧ଜଣ କଳାକାର ଓ କର୍ମଚାରୀଙ୍କୁ ପୁରସ୍କୃତ କରିଥିଲା। ଇନ୍ଦ୍ରମହଲ ଯାତ୍ରା ଅନୁଷ୍ଠାନକୁ ଶ୍ରେଷ୍ଠ ଡ୍ୟାନ୍ସ ଗ୍ରୁପ୍ ଓ କୋଣାର୍କ ଗଣନାଟ୍ୟକୁ ମ୍ୟୁଜିକ୍ ଶ୍ରୀ ରୂପେ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜୟପ୍ରକାଶ ସାହୁ, ସାଇପ୍ରଭାସ ସାସମଲ, ରମେଶ ମହାନ୍ତି, ଭୈରବ ମୁନା, ଧର୍ମେନ୍ଦ୍ର ମହାନ୍ତି, ଅବିନାଶ ସାମଲ, ପ୍ରିନ୍ସ ରିଙ୍କୁ, ଶେଖର ଜ୍ୟୋତି ପଣ୍ଡା, ହୃଷୀକେଶ, ବିରଞ୍ଚି ନାରାୟଣ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ଯାତ୍ରା ଦର୍ଶକ ପରିବାର ସଭାପତି ତାରାକାନ୍ତ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ରେଳ ରାଷ୍ଟ୍ରମନ୍ତ୍ରୀଙ୍କ ଗସ୍ତକୁ ବିସିଜେଡିର ବିରୋଧ

**ଭୁବନେଶ୍ୱର,୩।୩(ବ୍ୟୁରୋ)**



ପୂର୍ବତଟ ରେଳପଥ ବିଭାଜନକୁ ବିରୋଧ କରିଛି ବିଜୁ ଛାତ୍ର ଜନତା ଦଳ(ବିସିଜେଡି)। ଦକ୍ଷିଣ ତଟ ରେଳପଥ ଗଠନ ସହ ଏହାର ମୁଖ୍ୟ କାର୍ଯ୍ୟାଳୟ ବିଶାଖାପାଟଣାରେ କରିବା ଏବଂ ୱାଲ୍‌ଟିୟର ଡିଭିଜନର ଅଧାକୁ ଏଥିରେ ମିଶାଇ ଓଡ଼ିଶାରେ ପୂର୍ବତଟ ରେଳପଥକୁ ଧ୍ୱସ୍ତବିଧ୍ୱସ୍ତ କରିବା ପାଇଁ କେନ୍ଦ୍ର ଷଡ଼ଯନ୍ତ୍ର କରିଥିବା ବିସିଜେଡି ଅଭିଯୋଗ କରିଛି। ସୋମବାର କେନ୍ଦ୍ର ରେଳ ରାଷ୍ଟ୍ରମନ୍ତ୍ରୀ ମନୋଜ ସିହ୍ନା ଓଡିଶା ଗସ୍ତରେ ଆସିବେ। ତେଣୁ ଉପରୋକ୍ତ ପ୍ରସଙ୍ଗରେ ସିହ୍ନାଙ୍କ ଓଡ଼ିଶା ଗସ୍ତକୁ ବିରୋଧ କରି ବିସିଜେଡି ପକ୍ଷରୁ ଜୟଦେବ ବିହାର ଛକରେ ରବିବାର ରାତି ପ୍ରାୟ ୮ଟା ସମୟରେ ରାସ୍ତାରୋକୋ କରାଯାଇଥିଲା। ବିଜୁ ଯୁବ ଜନତା ଦଳର ସଭାପତି ଅମରେଶ ପତ୍ରୀ ଓ ବିସିଜେଡି ସଭାପତି ରାଣାପ୍ରତାପ ପାତ୍ରଙ୍କ ନେତୃତ୍ୱରେ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କର୍ମୀମାନେ ରାସ୍ତା ଉପରେ ଟାୟାର ଜାଳି କେନ୍ଦ୍ର ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ପୋଲିସ ସେମାନଙ୍କୁ ଉଠିଯିବାକୁ କହିଥିଲେ ମଧ୍ୟ ସେମାନେ ଶୁଣିନଥିଲେ। ଶେଷରେ ପୋଲିସ ଓ କେତେଜଣ ବିସିଜେଡି କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଶେଷରେ ପୋଲିସ ବିଜେଡି ବିଧାୟକ ସଞ୍ଜୟ ଦାସବର୍ମା, ପୂର୍ବତନ ମେୟର ଅନନ୍ତ ନାରାୟଣ ଜେନା ଓ ଅନ୍ୟ ନେତାମାନଙ୍କୁ ଉଠାଇ ନେବାପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।







ପାକିସ୍ତାନର ଅତ୍ୟାଧୁନିକ ଏଫ୍-୧୬ ଯୁଦ୍ଧ ବିମାନକୁ ଧ୍ୱଂସ କରିଥିବା ଅଭିନନ୍ଦନଙ୍କ ବୀରତ୍ୱ ପାଇଁ ସାରା ଦେଶ ଗର୍ବ କରୁଥିବାବେଳେ ତାଙ୍କ ସାହସ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛି। ବିଶେଷକରି ଯୁବକମାନେ ତାଙ୍କ ପରି ଚୁଟି ଓ ନିଶ ରଖିବା ଆରମ୍ଭ କରିଛନ୍ତି। ପଥ ଉତ୍ସବରେ ଅଭିନନ୍ଦନଙ୍କ ବେଶରେ ବହୁ ଯୁବକ ଆକର୍ଷଣ ସାଜିଥିଲେ। ତାଙ୍କ ସହିତ କଥା ହେବା ସହ ସେଲ୍‌ଫି ନେବାକୁ ପଛାଉ ନ ଥିଲେ। ଆଉ କିଏ ସେମାନଙ୍କୁ ମଧ୍ୟ ସାଲ୍ୟୁଟ୍ କରୁଥିବା ଦେଖିବାକୁ ମିଳିଥିଲା।

## ପଥ ଉତ୍ସବରେ ବାୟୁସେନାର ବୀରତ୍ୱର ଗାଥା

# ଅଭିନନ୍ଦନଙ୍କୁ ରଙ୍ଗୋଲିରେ ଅଭିନନ୍ଦନ

**ଭୁବନେଶ୍ୱର, ୩।୩(ବ୍ୟୁରୋ)**

ଜମ୍ମୁ-କଶ୍ମୀରର ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣରେ ୪୯ ଯବାନ ଶହୀଦ ହୋଇଥିଲେ। ଏହାର ପ୍ରତିଶୋଧ ନେବାକୁ ଯାଇ ଭାରତୀୟ ବାୟୁସେନା ପାକିସ୍ତାନରେ ପଶି ଆତଙ୍କବାଦୀ ସଂଗଠନ ଜୈଶ-ଇ-ମହମ୍ମଦ ଶିବିରକୁ ଧ୍ୱଂସ କଲେ। ଅନ୍ୟପକ୍ଷରେ ଭାରତ ଭିତରକୁ ପଶି ଆସିଥିବା ପାକିସ୍ତାନ ବିମାନକୁ ଆକ୍ରମଣ କରି ଖସାଇ ଦେବା ପରେ ବାୟୁସେନାର ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ବର୍ଥମାନଙ୍କ ମିଗ୍ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଅଭିନନ୍ଦନଙ୍କୁ ପାକିସ୍ତାନ ସେନା କବ୍‌ଜାକୁ ନେଇଯାଇଥିଲେ। ଶୁକ୍ରବାର ଅଭିନନ୍ଦନ ଭାରତକୁ ଫେରି ଆସିଛନ୍ତି। ରବିବାର ଭୁବନେଶ୍ୱର ଜନପଥରେ ଅନୁଷ୍ଠିତ ୮୧ତମ ପଥ ଉତ୍ସବ ଭାରତର ବାୟୁସେନା ଓ ଅଭିନନ୍ଦନଙ୍କ ପାଇଁ ସମ୍ପୂର୍ଣ୍ଣ ଭାବେ ଉତ୍ସର୍ଗ କରାଯାଇଥିଲା। ମଞ୍ଚରେ ବାୟୁସେନାକୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସାଲ୍ୟୁଟ୍ କରାଯାଇଥିବାବେଳେ ରଙ୍ଗୋଲିରେ ଅଭିନନ୍ଦନଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଥିବା ଦେଖିବାକୁ ମିଳିଥିଲା। ଖଲ୍ଲିକୋଟ ଆର୍ଟ କଲେଜର ଛାତ୍ରୀଛାତ୍ର ରଙ୍ଗୋଲିରେ ଭାରତର ଯୁଦ୍ଧବିମାନଗୁଡ଼ିକୁ ଈଗଲ ସହ ତୁଳନା କରିଥିଲେ। କେତେଜଣ ଚିତ୍ରଶିଳ୍ପୀ ଅଭିନନ୍ଦନଙ୍କ ଚିତ୍ର ଆଙ୍କି ସମ୍ମାନ ଜଣାଇଥିଲେ। କହିବାକୁ ଗଲେ ପଥ ଉତ୍ସବ ଲୋକଙ୍କୁ ଦେଶାତ୍ମବୋଧକ ବାର୍ତ୍ତା ଦେବା ସହ ସାହସୀ ହୋଇ ଦେଶ ପାଇଁ ଲଢ଼ିବାକୁ ପ୍ରେରଣା ଭରି ଦେଇଥିଲା। ଲୋକେ ରଙ୍ଗୋଲି ନିକଟରେ ଠିଆ ହୋଇ ସେଲ୍‌ଫି ନେବାକୁ ଭୁଲୁ ନ ଥିଲେ। ସେହିଭଳି ଏକ ସଂଗଠନ ପକ୍ଷରୁ ପଥଚାରୀଙ୍କ ମୁହଁରେ ତ୍ରିରଙ୍ଗା ପତାକା ଅଙ୍କନ କରାଯାଇଥିଲା। ଏଥିପାଇଁ ଯୁବତୀଯୁବକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ଅନ୍ୟ କେତେକ ସଂଗଠନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।



ଜନପଥରେ ଅଭିନନ୍ଦନଙ୍କୁ ସମ୍ମାନ ଜଣାଇ ତିଆରି ହୋଇଥିବା ରଙ୍ଗୋଲି।

### ଜନପଥରେ ଲାଇବ୍ରେରି

ଭାରତୀୟ ଯବାନ ଓ ବାୟୁସେନା ସମ୍ପର୍କରେ ପଥ ଉତ୍ସବରେ ବହୁ ପୁସ୍ତକ ଦେଖିବାକୁ ମିଳିଥିଲା। ଏକ ସଂଗଠନ ପକ୍ଷରୁ ଖୋଲାଯାଇଥିବା ଲାଇବ୍ରେରୀରେ ଏସବୁ ପୁସ୍ତକକୁ ପଢ଼ି ଛୋଟରୁ ବଡ ପର୍ଯ୍ୟନ୍ତ ସମସ୍ତେ ଭାରତୀୟ ବୀରଙ୍କ ବୀରତ୍ୱ ସମ୍ପର୍କରେ ଜାଣିବାକୁ ପାଇଥିଲେ। କେତେଜଣ ଦେଶପ୍ରେମୀ ଅଭିନନ୍ଦନଙ୍କୁ ସମ୍ମାନ ଜଣାଇ ଗୋଲାପ ବାଣ୍ଟିବା ସହ ଲୋକଙ୍କୁ ପାକିସ୍ତାନର ଦୋମୁହାଁ ନୀତି ସମ୍ପର୍କରେ କହିଥିଲେ।

### ନାଚି, ଖେଳି ମଜା ଉଠାଇଲେ ପିଲା

ସବୁଥର ପରି ଏଥର ମଧ୍ୟ ଛୋଟପିଲାମାନେ ପଥ ଉତ୍ସବରେ ନାଚିଲେ ଓ ଖେଳକୁଦ କରିଥିଲେ। ବସ୍ତି ପିଲାଙ୍କୁ ନେଇ ଏକ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା। ସେହିଭଳି ଛୋଟପିଲାମାନେ ଜନପଥରେ ସାଇକେଲିଂ କରିବା ସହ ସ୍କେଟିଂ ଓ ସାପ ଶିଡି ଖେଳ ଖେଳିଥିଲେ। ରାମମନ୍ଦିର ଓ ମାଷ୍ଟରକ୍ୟାଣ୍ଟିନ ନିକଟରେ ହୋଇଥିବା ମଞ୍ଚରେ ସଂଗୀତ ଓ ନୃତ୍ୟର ତାଳେ ତାଳେ ଦର୍ଶକ ଝୁମିଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା, ଯୋଗ ଶିବିରର ଆୟୋଜନ କରାଯାଇଥିଲା। ଖରା ବଢୁଥିବାରୁ ପଥ ଉତ୍ସବରେ ଭିଡ଼ କମୁଥିବା ଦେଖିବାକୁ ମିଳିଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ଅସ୍ମିତା



ମାନସ





କୀର୍ତ୍ତିଗୌରୀ



ରମଣୀରଞ୍ଜନ



କ୍ରିଷ୍ଣ



ଗୟାସୁଦ୍ଦିନ



ଡୁଗୁସୁନୀ



ଜ୍ୟୋତି



ବଳ ପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।

- ଆଇନଷ୍ଟାଇନ



## ସଂକ୍ଷେପରେ

### ରାଜ୍ୟସ୍ତରୀୟ କବିତା ପାଠୋତ୍ସବ



**ବାଲିପାଟଣା,୩।୩(ଡି.ଏନ୍.ଏ):** ସମୟର ପ୍ରାଚୀଧାରା ତ୍ରୈମାସିକ ସାହିତ୍ୟ ପତ୍ରିକା ପକ୍ଷରୁ ରବିବାର ସପ୍ତମ ସ୍ୱନକ୍ଷତ୍ର ଉତ୍ସବ ଶିଶୁ ଅନନ୍ତ ମହାବିଦ୍ୟାଳୟ ଆମ୍ରକାନନରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ବରେ ପ୍ରାଚୀଧାର ସମ୍ପାଦକ ଭଗବାନ ସାହୁଙ୍କ ସଭାପତିତ୍ୱରେ କବି ରାଜେନ୍ଦ୍ର କୁମାର ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ମୁଖ୍ୟଅତିଥି, ପ୍ରଫେସର ଆଦିକନ୍ଦ ସାହୁ, ପ୍ରଫେସର ବାଉରି ବନ୍ଧୁ କର ଓ ଡ.ଭଗବାନ ଜୟସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଡ. ହରିଶ୍ଚନ୍ଦ୍ର ବେହେରା, ମିନତି ବେହେରା ଓ ଡ. ଗୀତାଶ୍ରୀ ପ୍ରିୟମ୍ବଦାଙ୍କ ସଂଯୋଜନାରେ ବହୁ ସଂଖ୍ୟାରେ କବିମାନେ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଡ.ପଠାନୀ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବାବେଳେ କବି ବିପିନ ସିଂ, ପ୍ରଦୀପ୍ତ ସାହୁ, ମୁରଲୀ ଧର ସାହୁ ସହଯୋଗ କରିଥିଲେ। ଏହି ସମ୍ମିଳନୀରେ ୧୯ଜଣ ଲେଖକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଅର୍ଥମନ୍ତ୍ରୀଙ୍କ ଦ୍ୱାରା ୨ ଭିତ୍ତିପ୍ରସ୍ତର ସ୍ଥାପନ

**ବାଲିଅନ୍ତା,୩।୩(ଡି.ଏନ୍.ଏ):** ବାଲିଅନ୍ତା ବ୍ଲକ ଜୟଦେବ ପଞ୍ଚାୟତ ଅଧୀନ ମହୁଖଣ୍ଡା ଜେନାସାହି ଓ ମହୁଖଣ୍ଡା ଶାସନସ୍ଥିତ ଗୋପ ଶାଖା କେନାଲ ଉପରେ ପୋଲ ନିର୍ମାଣ ପାଇଁ ରବିବାର ଦୁଇଟି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅର୍ଥମନ୍ତ୍ରୀ ତଥା ଜୟଦେବ ବିଧାୟକ ଶଶିଭୂଷଣ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ୨ଟି ସେତୁ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିରେ ଜିଲା ପରିଷଦ ସଭ୍ୟା ଭାଗ୍ୟଲକ୍ଷ୍ମୀ ମିଶ୍ର ଓ ସରପଞ୍ଚ ପ୍ରଜ୍ଞା ପାରମିତା ଜେନାମଣି ଯୋଗଦେଇଥିଲେ।

### ବିଜେଡି କର୍ମୀ ସମ୍ମିଳନୀ



**ପାତ୍ରପଡା,୩।୩(ଡି.ଏନ.ଏ.):** ଜଟଣୀ ନିର୍ବାଚନମଣ୍ଡଳୀର ଭୁବନେଶ୍ୱର ବ୍ଲକ ଅଞ୍ଚଳରେ ବିଜେଡିର କର୍ମୀ ସମ୍ମିଳନୀ ରବିବାର ନଁପୁଟ ଓ ପଞ୍ଚୁପଲ୍ଲୀ ଅଞ୍ଚଳରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ମୂଳକ କାର୍ଯ୍ୟ ପଞ୍ଚାୟତ ସ୍ତରରେ ଜନସାଧାରଣଙ୍କୁ ଅବଗତ କରାଇବା ସହ ତୃଣମୂଳ ସ୍ତରରେ ସଙ୍ଗଠନକୁ ସୁଦୃଢ଼ କରିବାକୁ କର୍ମୀମାନଙ୍କୁ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ବୈଠକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାରେ ସହାୟକ ହୋଇଛି। ଭୁବନେଶ୍ୱର ବ୍ଲକ ପୂର୍ବତନ ଅଧକ୍ଷ ପର୍ଶୁନାଥ ସୁବୁଦ୍ଧିଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ନଁପୁଟ ଗ୍ରାମପଞ୍ଚାୟତର ସରପଞ୍ଚ ସୁରେନ୍ଦ୍ର ଜଗଦେବ, ସମିତିସଭ୍ୟା ବନ୍ଦନା ମହାପାତ୍ର, ପୂର୍ବତନ ସରପଞ୍ଚ ସନ୍ତୋଷ ଜେନା, ପଞ୍ଚୁଗିରି ପୂର୍ବତନ ସରପଞ୍ଚ ସୁକାନ୍ତ ଛୁଆଳସିଂଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବିଜେଡି କର୍ମୀମାନେ ଯୋଗ ଦେଇଥିଲେ।

## ■ ଖାକିବାବୁଙ୍କ ଲାଞ୍ଚ କାରବାରର ନୂଆ ତରିକା

# ପକେଟ ଗରମ ପାଇଁ ଥାନାରେ ଦଲାଲ ପୋଷା

**ଭୁବନେଶ୍ୱର,୩।୩ (ବ୍ୟୁରୋ)**

- ରାଜ୍ କରୁଛନ୍ତି ରାଜନୈତିକ ଦଲାଲ
- ବିନା ଅର୍ଥରେ ଲୋକଙ୍କୁ ମିଳୁନି ନ୍ୟାୟ
- ପଦକ୍ଷେପ ନେବାକୁ କହିଲେ ପୋଲିସ କମିଶନର

ଥାନାରେ ଚାଲିଛି ବେଧଡ଼କ ଲାଞ୍ଚ କାରବାର। ବିନା ଲାଞ୍ଚରେ ମିଳୁନି ନ୍ୟାୟ। ଲାଞ୍ଚ ଦେଲେ ବଦଳି ଯାଉଛି ମାମଲା। ଇତିମଧ୍ୟରେ ଲାଞ୍ଚ ନେଇ ବହୁ ପୋଲିସ ଅଧିକାରୀ ଓ କର୍ମଚାରୀ ଭିଜିଲାନ୍ସ ହାତରେ ଧରାପଡି ଜେଲ୍ ଯାଇଛନ୍ତି। ତେଣୁ ଭିଜିଲାନ୍ସ ଭୟରେ ଖାକିବାବୁମାନେ ନୂଆ ତରିକା ଆପଣାଇଛନ୍ତି। ପକେଟ ଗରମ ପାଇଁ ଦଲାଲଙ୍କୁ ମାଧ୍ୟମ କରିଛନ୍ତି। କମିଶନରେଟ ପୋଲିସ ଇଲାକାରେ ଥିବା ଅଧିକାଂଶ ଥାନାରେ ଏବେ ଏହି ଦଲାଲଙ୍କ ରାଜ୍ ଚାଲିଥିବା ଦେଖିବାକୁ ମିଳୁଛି। ବିଶେଷକରି ରାଜନେତାଙ୍କ ଛତ୍ରଛାୟା ତଳେ ରହି ଏହି ଦଲାଲମାନେ ପୂରା ଥାନାକୁ ନିୟନ୍ତ୍ରଣ କରୁଥିବା ଜଣାପଡିଛି। ଥାନାଧିକାରୀ-ଦଲାଲଙ୍କ ମଧୁଚନ୍ଦ୍ରିକା ବଢୁଥିବାବେଳେ ପୋଲିସ ଉପରେ ଲୋକଙ୍କ ଭରସା ତୁଟିବାରେ ଲାଗିଛି।

ମିଳିଥିବା ସୂଚନାନୁସାରେ, ପ୍ରତି ଥାନାରେ ଏବେ ନିର୍ଦ୍ଦିଷ୍ଟ କେତେଜଣ ଦଲାଲ ଆଡ୍ଡା ଜମାଇଛନ୍ତି। ପୂର୍ବରୁ ପୋଲିସ ଦଲାଲଙ୍କୁ ସେମାନଙ୍କ ଖବରି ଭାବେ ବ୍ୟବହାର କରୁଥିଲାବେଳେ ଏବେ ପକେଟ ଗରମ ପାଇଁ ମାଧ୍ୟମ କରୁଛନ୍ତି। ଅଭିଯୋଗ କପି ଗ୍ରହଣ କରିବାଠୁ ଆରମ୍ଭ କରି ସମାଧାନ ପର୍ଯ୍ୟନ୍ତ ଏମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ଆବଶ୍ୟକ ଅର୍ଥ ନ ମିଳିଲେ ଖାକି ପାୱାରର ଅପବ୍ୟବହାର କରାଯାଇ ଭିନ୍ନ ସ୍ଥିତି ସୃଷ୍ଟି କରାଯାଉଛି। ଅଭିଯୋଗକାରୀ ନ୍ୟାୟ ପାଇବା ଆଶାରେ ହାତଗୁଞ୍ଜା ଦେବାକୁ ବାଧ୍ୟ ହେଉଛି। ଅନ୍ୟପକ୍ଷରେ ଅଭିଯୁକ୍ତ ନିଜର ସୁରକ୍ଷା ପାଇଁ ଦଲାଲ ମାଧ୍ୟମରେ ପୁଳା ପୁଳା ଟଙ୍କା ଦେଉଛନ୍ତି। ଅଧିକାରୀମାନେ କାହାଠୁ ଓ କିପରି ଟଙ୍କା ଆଣିବେ ଦଲାଲମାନେ ହିଁ ସ୍ଥିର କରୁଛନ୍ତି। ଏହି ଦଲାଲମାନେ ସକାଳୁ ରାତି ପର୍ଯ୍ୟନ୍ତ ଥାନାରେ ପଡି ରହୁଛନ୍ତି। ଥାନାକୁ ଯଦି କୌଣସି ବ୍ୟକ୍ତି ଅଭିଯୋଗ କରିବାକୁ ଆସୁଛନ୍ତି ସେମାନଙ୍କୁ ଏହି ଦଲାଲମାନେ କବ୍‌ଜା କରିଥାନ୍ତି। ଦଲାଲଙ୍କ ଇସାରା ପରେ ଡିସିଓ ଅଭିଯୋଗକାରୀଙ୍କ ସହ ସେହିଭଳି କଥା ହୋଇ ଭୟ ଓ ଭରସା ଦେଇଥାନ୍ତି। ପରେ ଦଲାଲ ଜଣକ ଥାନା ବାହାରକୁ ଅଭିଯୋଗକାରୀଙ୍କୁ ଡାକି ନେଇଯାଇ ଅର୍ଥ ପାଇଁ ମୂଲଚାଲ କରିଥାନ୍ତି। ଟଙ୍କା ପାଇବା ପରେ ଦଲାଲ କିଛି ନିଜେ ରଖିବା ସହ ଆଉ କିଛି ଡିସିଓ ଓ ଥାନାର ଅନ୍ୟ କର୍ମଚାରୀଙ୍କୁ ଦେଇଥାନ୍ତି। ବଡ଼ ବଡ଼ ମାମଲାରେ ଏହି ଦଲାଲଙ୍କ ମାଧ୍ୟମରେ ଥାନାଧିକାରୀ ଲକ୍ଷ ଲକ୍ଷ ଟଙ୍କା ନେଇଥାନ୍ତି। ଲାଞ୍ଚ ଟଙ୍କାରେ ଥାନାର ଭିତର ଘରେ ଭୋଜି ଭାତ ଓ ମଦ ମାଂସ ଚାଲୁଛି। କେତେକ ଥାନାରେ ନିର୍ଦ୍ଦିଷ୍ଟ କେତେଜଣ ଅଧିକାରୀ ଏହି ଦଲାଲଙ୍କୁ ବିରୋଧ କରୁଥିଲେ ମଧ୍ୟ ନେତା ଓ ପ୍ରଭାବଶାଳୀ ଗୋଷ୍ଠୀଙ୍କ ଚାପରେ ନିଜକୁ ସେଭଳି ପରିସ୍ଥିତିରେ ଖାପଖୁଆଇବାକୁ ବାଧ୍ୟ ହେଉଛନ୍ତି। ସହରର ମଞ୍ଚେଶ୍ୱର, ଶହୀଦନଗର, ନୟାପଲ୍ଲୀ, ଖଣ୍ଡଗିରି, ଖାରବେଳନଗର, କ୍ୟାପିଟାଲ, ଚନ୍ଦ୍ରଶେଖରପୁର ଥାନାରେ ଦଲାଲଙ୍କ ପ୍ରାଦୁର୍ଭାବ ସର୍ବାଧିକ ଦେଖିବାକୁ ମିଳୁଛି। ନିକଟରେ ଜମିବାଡି ଗଣ୍ଡଗୋଳକୁ ନେଇ ଜଣେ ବୃଦ୍ଧ ଖଣ୍ଡଗିରି ଥାନାକୁ ଆସି ଜଣେ ଦଲାଲଙ୍କ ହାବୁଡରେ ପଡ଼ିଯାଇଥିଲେ। ଦଲାଲ ଜଣକ ତାଙ୍କଠାରୁ ଟଙ୍କା ହଡପ କରିଥିବା ବୃଦ୍ଧ ଜଣକ ଅଭିଯୋଗ କରିଛନ୍ତି।

ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି, ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଏଭଳି ଘଟଣା ମୋ ନଜରକୁ ପ୍ରଥମ ଥର ଆସିଲା। ମୁଁ ଏହାକୁ ବନ୍ଦ କରିବା ପାଇଁ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବି। ଯଦି କୌଣସି କ୍ଷେତ୍ରରେ ଦଲାଲଙ୍କ ହସ୍ତକ୍ଷେପ ରହୁଥିବା ଜଣାପଡିବ ନିଶ୍ଚିତ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



ରବିବାର ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରସ୍ଥ ଉତ୍କଳ ରଙ୍ଗମଞ୍ଚଠାରେ ଉଦ୍‌ଘାଟିତ ଶାସ୍ତ୍ରୀୟ ନୃତ୍ୟ ଉତ୍ସବରେ କଳାକାରମାନେ ନୃତ୍ୟ କରୁଛନ୍ତି।

# ନୃତ୍ୟାଭିନୟରେ ଶବରୀର ଭକ୍ତି ପ୍ରେମ

**ଭୁବନେଶ୍ୱର,୩।୩(ବ୍ୟୁରୋ)**

## ମାର୍ଗୀ ଉତ୍ସବ ଆରମ୍ଭ

'ନୃତ୍ୟଶାଳା' ଓ ମାସିକ ସାଂସ୍କୃତିକ ପତ୍ରିକା 'କଳାକୃତି'ର ମିଳିତ ସହଯୋଗରେ ୯ମ ଶାସ୍ତ୍ରୀୟ ନୃତ୍ୟ ଉତ୍ସବ 'ମାର୍ଗୀ' ରବିବାର ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରସ୍ଥ ଉତ୍କଳ ରଙ୍ଗମଞ୍ଚଠାରେ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ସନ୍ଧ୍ୟାରେ ପ୍ରେମ ଓ ଭକ୍ତିର ମାହାତ୍ମ୍ୟ ପ୍ରତିଟି ନୃତ୍ୟ ପରିବେଷଣରେ ଭରି ରହିଥିଲା। ଏକକ ହେଉ ଅବା ଦଳଗତ ନୃତ୍ୟ, ଭକ୍ତି ସମର୍ପଣ ଭାବରେ କିଭଳି ପ୍ରଭୁଙ୍କ କୃପାଲାଭ କରିହୁଏ, ତାହା ସବୁଥିରେ ଦେଖିବାକୁ ମିଳିଥିଲା। ଶବରୀର ଅଇଁଠା କୋଳିକୁ ଭଗବାନ ଅତି ଆନନ୍ଦରେ ଗ୍ରହଣ କରୁଥିବାର ଦୃଶ୍ୟ ଅତି ଜୀବନ୍ତ ଥିବାବେଳେ କଳାକାରମାନେ ରାଧାଙ୍କ ପ୍ରେମର ଗାଥାକୁ ଚମତ୍କାର ଶୈଳୀରେ ବର୍ଣ୍ଣନା କରିଥିଲେ।

ଉଦ୍‌ଘାଟନୀ ଉତ୍ସବରେ ବରିଷ୍ଠ ନୃତ୍ୟଶିଳ୍ପୀ ରତିକାନ୍ତ ମହାପାତ୍ରଙ୍କ ନୃତ୍ୟାଭିନୟରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ତାଙ୍କ ଅଭିନୟ ରାମାୟଣ କଥାବସ୍ତୁ ଉପରେ ପର୍ଯ୍ୟବସିତ ଥିଲା। ଶବରୀର ଭକ୍ତି ଓ ପ୍ରେମ ପ୍ରଭୁ ରାମଚନ୍ଦ୍ରଙ୍କୁ କିପରି କୁଟିରକୁ ଟାଣିଆଣିଥିଲା ଏବଂ ତା' ଅଇଁଠା କୋଳି ଭିତରେ କିପରି ପ୍ରେମର ଉପାଦାନ ଭରିରହିଥିଲା, ତାହାକୁ ଅଭିନୟ ମାଧ୍ୟମରେ ଶିଳ୍ପୀ ଉପସ୍ଥାପନ କରିଥିଲେ। ଏହାପରେ ଶିଳ୍ପୀ ବନ୍ଦିତା ଘୋଷାଲ ନୃତ୍ୟାଭିନୟରେ ଏକକ ଅଭିନୟ କରିଥିଲେ। ଗୀତଗୋବିନ୍ଦର 'ଧୀର ସମୀରେ ଯମୁନା ତୀରେ' ପଦାବଳୀ ଉପରେ ତାଙ୍କ ନୃତ୍ୟ ନିବଦ୍ଧ ଥିଲା। ରାଧାକୃଷ୍ଣଙ୍କ ପ୍ରେମମୟ ଗାଥାକୁ ସୁନ୍ଦର ଭାବେ ସେ ପରିବେଷଣ କରିଥିଲେ। ଗୁରୁ ଅଶୋକ କୁମାର ଘୋଷାଲଙ୍କ ନିର୍ଦ୍ଦେଶନାରେ ରାଗ-କଳାବତୀ ଓ ତାଳ-ଏକତାଳୀ ଉପରେ ପର୍ଯ୍ୟବସିତ ଏହି ନୃତ୍ୟ ଦର୍ଶକଙ୍କୁ ଆମୋଦିତ କରିଥିଲା। ଦ୍ୱିତୀୟ ପର୍ଯ୍ୟାୟ ଯୁଗଳ ନୃତ୍ୟରେ ଶିଳ୍ପୀ ସରୋଜ କୁମାର ସାହୁ ଓ ଶତାବ୍ଦୀ କାନୁନ୍‌ଗୋ ପରିବେଷଣ କରିଥିଲେ ଗଣେଶ ବନ୍ଦନା। 'ଏକ ଦନ୍ତ ମହାକାୟ' ଶ୍ଳୋକରେ ସେମାନେ ବିଘ୍ନରାଜଙ୍କ ଆରାଧନା କରିଥିଲେ। ଶେଷରେ କଟକର ସୁର ମନ୍ଦିର ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ନୃତ୍ୟାଭିନୟ 'ଶରଣମ୍' ପରିବେଷିତ ହୋଇଥିଲା। 'ମାନ ଉଦ୍ଧାରଣ କର ହେ ତାରଣ' ଗୀତରେ ଶିଳ୍ପୀମାନେ ଭଗବାନଙ୍କ ଶରଣ ପଶିଲେ, କିଭଳି ମୋକ୍ଷପ୍ରାପ୍ତି ହୁଏ, ତାହାର ତାତ୍ପର୍ଯ୍ୟକୁ ବର୍ଣ୍ଣନା କରିଥିଲେ। ରାଗ-ରାଗମାଳିକା, ତାଳ-ତାଳମାଳିକା ଉପରେ ପର୍ଯ୍ୟବସିତ ଏହି ନୃତ୍ୟକୁ ସଙ୍ଗୀତରେ ସଜାଇଥିଲେ ଗୁରୁ ସ୍ୱପ୍ନେଶ୍ୱର ଚକ୍ରବର୍ତ୍ତୀ ଓ ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ ଗୁରୁ ଜ୍ୟୋତ୍ସ୍ନାରାଣୀ ସାହୁ।

ଉଦ୍‌ଘାଟନୀ ସନ୍ଧ୍ୟାର ଅତିଥି ଭାବେ ଓଡ଼ିଶୀ ନୃତ୍ୟାଙ୍ଗନା ପଦ୍ମଶ୍ରୀ ମିନତି ମିଶ୍ର, ଓଡ଼ିଶୀ ଗବେଷଣା କେନ୍ଦ୍ରର କାର୍ଯ୍ୟନିର୍ବାହୀ ଡ. ସଙ୍ଗୀତା ଗୋସାଇଁ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ପୂର୍ବତନ ସଚିବ ଧୀରେନ୍ଦ୍ର ନାଥ ମଲ୍ଲିକ, ପ୍ରତିଷ୍ଠିତ ମର୍ଦ୍ଦଳ ବାଦକ ଗୁରୁ ସଚ୍ଚିଦାନନ୍ଦ ଦାସ, ଗୁରୁ ନବକିଶୋର ମିଶ୍ର, ନୃତ୍ୟଶାଳା ନିର୍ଦ୍ଦେଶକ ଗୁରୁ ଅଶୋକ କୁମାର ଘୋଷାଲ ପ୍ରମୁଖ ଯୋଗଦେଇଥିଲେ।

## ବାଉଁଶ ନିର୍ମିତ ଉତ୍ପାଦର ଚାହିଦା ବୃଦ୍ଧି ପାଉଛି

**ଭୁବନେଶ୍ୱର,୩।୩(ବ୍ୟୁରୋ)**

ପୃଥିବୀରେ ଜଙ୍ଗଲ ସମ୍ପଦର ଅବକ୍ଷୟ ସହିତ ବିଷୁବ ମଣ୍ଡଳୀୟ ଶକ୍ତକାଠ ଶାଳ, ପିଆଶାଳ, ଶାଗୁଆନ ଆଦି ଦୁର୍ଲଭ ହୋଇଥିବାରୁ ଏ ସବୁର ଏକ ଉତ୍ତମ ବିକଳ୍ପ ରୂପେ ବାଉଁଶର ଚାହିଦା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଚାଇନା ବାଉଁଶକୁ କଞ୍ଚାମାଲ ଭାବେ ବ୍ୟବହାର କରି ସାଇକେଲ, ହେଲମେଟଠାରୁ ଆରମ୍ଭ କରି ଚଷମା ଫ୍ରେମ୍, ଘଣ୍ଟା ବ୍ୟାଣ୍ଡ ପର୍ଯ୍ୟନ୍ତ, ବିଭିନ୍ନ ଜିନିଷ ତିଆରି କରି ଅର୍ନ୍ତରାଷ୍ଟ୍ରୀୟ ବଜାରକୁ ରପ୍ତାନୀ କରୁଛି। ଏ କ୍ଷେତ୍ରରେ ଚାଇନା ବିଶ୍ୱର ଏକ ନମ୍ବର ରାଷ୍ଟ୍ରର ମର୍ଯ୍ୟାଦା ହାସଲ କରିଛି। ଏଭଳିସ୍ଥଳେ ଭାରତର ୧୨.୮ ପ୍ରତିଶତ ଭୌଗୋଳିକ ଅଞ୍ଚଳରେ ୧୨୫ ପ୍ରଜାତିର ବାଉଁଶ ଉପଲବ୍ଧ ହେଉଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ଏହା ଆମର ଆବଶ୍ୟକତା ପୂରଣ କରିପାରିନାହିଁ। ଫଳରେ ଆମେ ଅନେକ ବାଉଁଶ ନିର୍ମିତ ଜିନିଷ ବାହାରୁ ଆମଦାନୀ କରୁଛେ ବୋଲି ଏଠାରେ ମତପ୍ରକାଶ ପାଇଛି। ରବିବାର ଓଡ଼ିଶା ପରିବେଶ ସମିତି ପକ୍ଷରୁ ଆୟୋଜିତ 'ବାଉଁଶକୁ ମୂଲ୍ୟଯୁକ୍ତ ଏବଂ ଉନ୍ନତ କରିବା ଦିଗରେ ଉଦ୍ୟମ' ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେଇ ଅତିଥିମାନେ ଏହା କହିଛନ୍ତି। ଓୟୁଏଟିର ପୂର୍ବତନ କୁଳପତି ପ୍ରଫେସର ଦେବୀପ୍ରସାଦ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ଓଡ଼ିଶା ବାଉଁଶ ଉନ୍ନୟନ କର୍ତ୍ତୃପକ୍ଷଙ୍କ ପ୍ରକଳ୍ପ ନିର୍ଦ୍ଦେଶକ ତଥା ରାଜ୍ୟ ଔଷଧୀୟ ଉଦ୍ଭିଦ ବୋର୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀ ସୁରେନ୍ଦ୍ର ପ୍ରସାଦ ମହାପାତ୍ର ଯୋଗଦେଇଥିଲେ। ତ୍ରିପୁରାର ଏକ କାରଖାନାରେ ପ୍ରକ୍ରିୟାକରଣ ମାଧ୍ୟମରେ କିଭଳି ବାଉଁଶରୁ ବିଭିନ୍ନ ଉତ୍ପାଦ ପ୍ରସ୍ତୁତ ହେଉଛି, ତାହାକୁ ଭିଜୁଆଲ ଦ୍ୱାରା ପ୍ରଦର୍ଶନ କରାଯାଇଥିଲା। ଓଡ଼ିଶାରେ ମଧ୍ୟ ଏପରି ଏକ କାରଖାନା ସ୍ଥାପନ ଦିଗରେ ସରକାର ଉଦ୍ୟମ କରୁଥିବା ଅତିଥିମାନେ କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ସେବା ମହାପାତ୍ର, ସମ୍ପାଦକ ଡ. ଜୟକୃଷ୍ଣ ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ପ୍ରକାଶ ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ରେଭେନ୍‌ଶା ବାଣିଜ୍ୟ ଆଲୁମ୍‌ନି ସଂଘର ବାର୍ଷିକ ସମ୍ମିଳନୀ

# କୃତ୍ରିମ ଗୁଣବତ୍ତା କବ୍‌ଜାରେ ମଣିଷ ନ ପଡୁ




ସମ୍ମିଳନୀକୁ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ଦୀପକ ମିଶ୍ର ଉଦ୍‌ଘାଟନ କରୁଛନ୍ତି।

**କଟକ ଅଫିସ,୩।୩**

ରେଭେନ୍‌ଶା ବାଣିଜ୍ୟ ଆଲୁମ୍‌ନି ସଂଘର ଦ୍ୱିତୀୟ ବାର୍ଷିକ ସମ୍ମିଳନୀ ରବିବାର ସନ୍ଧ୍ୟାରେ ବିଶ୍ୱବିଦ୍ୟାଳୟର ସେଭେନ ପିଲର ଅଫ ୱିଜଡମ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଫେସର ବ୍ରଜରାଜ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ଦୀପକ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ସଫଳତା ପାଇବାକୁ ହେଲେ ସାଧାରଣ ଜୀବନରେ ଅନେକ ଛୋଟ ଘଟଣାକୁ ଗୁରୁତ୍ୱ ଦେବାକୁ ହୁଏ। ଯେପରିକି କୃତ୍ରିମ ଗୁଣବତ୍ତା କବ୍‌ଜାରେ ମଣିଷ ନ ପଡ଼ିବା ଉଚିତ। ମଣିଷ କୌଣସି ଆଶା କବଳରେ ବାନ୍ଧି ନ ହେବାକୁ ସେ ପରାମର୍ଶ ଦେଇଥିଲେ। ଖଡଗପୁର ଆଇଆଇଟିର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଦାମୋଦର ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗଦେଇ ବୈଷୟିକ ଜ୍ଞାନ ବିକାଶ ଦ୍ୱାରା ଆଗାମୀ ଭବିଷ୍ୟତକୁ ସମୀକ୍ଷା କରିଥିଲେ। ଏଥିରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଇଶାନ କୁମାର ପାତ୍ର ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ କମର୍ସର ଡିନ୍ ପ୍ରଫେସର ସଞ୍ଜୟ ଶତପଥୀ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଡିନ୍ ପ୍ରଫେସର ଶତପଥୀଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଏ କ୍ଲଷ୍ଟର ଅଫ ରିଫ୍ଲେକ୍ସନ' ଉନ୍ମୋଚିତ ହୋଇଥିଲା। ଆଗାମୀ ଦିନରେ ରେଭେନ୍‌ଶା ବାଣିଜ୍ୟ ଆଲୁମ୍‌ନି ସଂଘ ପକ୍ଷରୁ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ସମ୍ମିଳନୀ କରାଯିବ ବୋଲି ଘୋଷଣା କରାଯାଇଥିଲା। ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗ ମୁଖ୍ୟ ଡ. ତୁଷାରକାନ୍ତ ପାଣି ଧନ୍ୟବାଦ ଦେଇଥିଲେ।

## ■ ଏସ୍‌ସିବି ମେଡିକାଲ ଛାତ୍ର ସଂସଦର ବାର୍ଷିକୋତ୍ସବ

# ସଙ୍ଗୀତ, ଧ୍ୟାନ, ଔଷଧ ଅତ୍ୟାବଶ୍ୟକ



ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ବକ୍ତବ୍ୟ ଦେଉଛନ୍ତି।

**କଟକ ଅଫିସ, ୩।୩**

ରୋଗୀଙ୍କୁ ରୋଗରୁ ଆରୋଗ୍ୟ କରିବା ପାଇଁ ୩ଟି ଏମ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଗୋଟିଏ ଏମ୍ ହେଲା ମ୍ୟୁଜିକ, ଦ୍ୱିତୀୟଟି ହେଲା ମେଡିଟେସନ ଓ ତୃତୀୟଟି ହେଲା ମେଡିସିନ। ଏସ୍‌ସିବି ମେଡିକାଲ କଲେଜ ଛାତ୍ର ସଂସଦ ବାର୍ଷିକ ଉତ୍ସବ 'ମହ୍ଲାର'ରେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହି କଥା କହିଛନ୍ତି। ରବିବାର ଏସ୍‌ସିବି ଖେଳ ପଡ଼ିଆରେ ଆୟୋଜିତ ଏହି ଉତ୍ସବରେ ମେଡିକାଲ କଲେଜ ପ୍ରିନ୍ସିପାଲ ପ୍ରଫେସର ଡା. ଜୟଶ୍ରୀ ମହାନ୍ତି ଓ ଅଧୀକ୍ଷକ ପ୍ରଫେସର ସିବିକେ ମହାନ୍ତି ପ୍ରମୁଖ ଯୋଗଦେଇ ମେଡିକାଲ ଛାତ୍ରୀଛାତ୍ରମାନଙ୍କୁ ଧ୍ୟାନ, ଅଧ୍ୟବସାୟ ବଳରେ ଜଣେ ଭଲ ଡାକ୍ତର ହୋଇ ସମାଜରେ ନାଁ କମାଇବାକୁ ପରାମର୍ଶ ଦେଇଥିଲେ। ଛାତ୍ର ସଂସଦ ଉପଦେଷ୍ଟା ପ୍ରଫେସର ବନବିହାରୀ ମିଶ୍ର ସ୍ୱାଗତ ଭାଷଣ, ଛାତ୍ର ସଂସଦ ସଭାପତି ଦୀପକ କୁମାର ସାମଲ ଅତିଥି ପରିଚୟ ପ୍ରଦାନ ଓ ସାଧାରଣ ସମ୍ପାଦକ ପ୍ରତ୍ୟୁଷ କୁମାର ସେନାପତି ଧନ୍ୟବାଦ ଦେଇଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୋମବାର ସନ୍ଧ୍ୟାରେ ଏହି ଅବସରରେ ଓଲିଉଡ ନାଇଟ୍‌ର ଆୟୋଜନ କରାଯାଇଥିବା ସଭାପତି ସାମଲ ସୂଚନା ଦେଇଛନ୍ତି।




ରବିବାର ବୁଦ୍ଧମନ୍ଦିର ପରିସରରେ ପୁସ୍ତକ ଲୋକାର୍ପଣ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।



ଭୁବନେଶ୍ୱର ୟୁନିଟ୍-୩ ଠାକର୍ ବାପା ଏସ୍‌ଟି ବୟସ୍ ହଷ୍ଟେଲରେ ଅବ୍ୟବସ୍ଥା ଅଭିଯୋଗ କରି ପିଲାମାନେ ରବିବାର ରାମ ମନ୍ଦିର ନିକଟ ରାସ୍ତାରେ ବସି ପ୍ରତିବାଦ କରୁଛନ୍ତି।

# ଦେବାଧିଦେବଙ୍କ ଆରାଧନା ପାଇଁ ପ୍ରସ୍ତୁତ ଏକାମ୍ର କ୍ଷେତ୍ର

**ଭୁବନେଶ୍ୱର,୩।୩(ବ୍ୟୁରୋ)**

**ଆଜି ମହାଶିବରାତ୍ରି**

ମହାଶିବରାତ୍ରି ପାଇଁ ଉତ୍ସବମୁଖର ହୋଇଉଠିଛି ଏକାମ୍ର କ୍ଷେତ୍ର। ପୂଜାର୍ଚ୍ଚନାରୁ ଆରମ୍ଭ କରି ମନ୍ଦିର ଚୂଡ଼ାକୁ ମହାଦୀପ ଉଠିବା ପର୍ଯ୍ୟନ୍ତ କେଉଁ ନୀତି କେତେବେଳେ ସମ୍ପନ୍ନ ହେବ, ସେ ନେଇ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ଶୈବପୀଠରେ ପରିପୂର୍ଣ୍ଣ ଭୁବନେଶ୍ୱରରେ ମହାଶିବରାତ୍ରି ବା ଜାଗର ଏକ ପ୍ରମୁଖ ଉତ୍ସବ ହୋଇଥିବା ବେଳେ ସହରବାସୀଙ୍କ ମଧ୍ୟରେ ଏ ନେଇ ବିଶେଷ ଉତ୍ସାହ ଦେଖିବାକୁ ମିଳିଛି।

ଦେବାଧିଦେବଙ୍କ ଆରାଧନା ପାଇଁ ଲିଙ୍ଗରାଜ ମନ୍ଦିରଠାରୁ ଆରମ୍ଭ କରି ରାମେଶ୍ୱର, ଲକ୍ଷ୍ମଣେଶ୍ୱର, ମୁକ୍ତେଶ୍ୱର, ମେଘେଶ୍ୱର, ଶତ୍ରୁଘ୍ନେଶ୍ୱର ଆଦି ମନ୍ଦିର ଚତୁଃପାର୍ଶ୍ୱକୁ ସଫା କରାଯିବା ସହ ସୁସଜ୍ଜିତ ଆଲୋକମାଳାରେ ସଜାଯାଇଛି। ଶ୍ରଦ୍ଧାଳୁମାନେ ଯେଭଳି ଶାନ୍ତି ଶୃଙ୍ଖଳାର ସହ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ, ସେଥିପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଅଧିକାଂଶ ମନ୍ଦିରରେ ସୁବ୍ୟବସ୍ଥିତ ଦର୍ଶନ ପାଇଁ ୨ଟି ଧାଡ଼ି କରାଯିବା ସହ ଗୋଟିଏ ଧାଡ଼ିରେ ମହିଳା ଏବଂ ଅନ୍ୟଟିରେ ପୁରୁଷଙ୍କୁ ଛଡ଼ାଯିବାକୁ ବ୍ୟବସ୍ଥା ହୋଇଛି। ସେହିପରି ରାତି ସମୟରେ ଅତ୍ୟଧିକ ଭିଡ଼ ହେବା ସମ୍ଭାବନା ଥିବାରୁ ସ୍ୱତନ୍ତ୍ର ସୁରକ୍ଷା କର୍ମୀଙ୍କୁ ନିୟୋଜନ କରାଯିବ। କେତେକ ମନ୍ଦିରରେ ସିସିଟିଭି ମଧ୍ୟ ଲଗାଯାଇଛି। ମନ୍ଦିରଗୁଡ଼ିକରେ ସୋମବାର ସକାଳୁ ପୂଜାର୍ଚ୍ଚନା ଆରମ୍ଭ ହେବ। ଭୋର୍ ପ୍ରାୟ ୪ଟାରୁ ୫ଟା ମଧ୍ୟରେ ସାହାଣ ମେଲା ବା ପହଡ଼ ଖୋଲାଯିବା ପରେ ମହାଦେବଙ୍କ ସ୍ନାନକାର୍ଯ୍ୟ ଅନୁଷ୍ଠିତ ହେବ। ଏହାପରେ ରୀତିନୀତି ଅନୁଯାୟୀ ପୂଜା ଆରମ୍ଭ ହେବା ସହ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ଦ୍ୱାର ଖୋଲାଯିବ। ତେବେ ଲିଙ୍ଗରାଜ ମନ୍ଦିରରେ ମହାଦୀପ ଉଠିବା ପରେ ଅନ୍ୟ ସ୍ଥାନରେ ଥିବା ଶୈବ ମନ୍ଦିରରେ ମହାଦୀପ ଉଠିବ। ଏତଦ୍ ବ୍ୟତୀତ ରାଜଧାନୀର ୟୁନିଟ୍-୯, ଶହୀଦନଗର, ସତ୍ୟନଗର, ବରମୁଣ୍ଡା, ନୟାପଲ୍ଲୀ, ସିଆର୍‌ପି, ଚନ୍ଦ୍ରଶେଖରପୁର, ଡମଣା, ଶୈଳଶ୍ରୀବିହାର, ନୀଳାଦ୍ରି ବିହାର, ମଞ୍ଚେଶ୍ୱର, ରସୁଲଗଡ଼, ଲକ୍ଷ୍ମୀସାଗର, ଭିଏସ୍‌ଏସ୍ ନଗର, ପଳାଶୁଣୀ ଆଦି ଅଞ୍ଚଳରେ ଥିବା ଛୋଟବଡ଼ ଶୈବପୀଠ ରବିବାର ରାତିରୁ ରଙ୍ଗିନ ଆଲୋକମାଳାରେ ଝଲସୁଛି। ସେପଟେ ଜାଗର ପାଇଁ ସହରରେ ଫଳଦର ଚଢ଼ା ରହିଛି। ପ୍ରତି ଫଳ କିଲୋ ପିଛା ୧୦ରୁ ୧୫ଟଙ୍କା ପର୍ଯ୍ୟନ୍ତ ବଢ଼ିଥିବା ଦେଖିବାକୁ ମିଳିଛି।

### ଆକର୍ଷଣ ସାଜିବ ସାଂସ୍କୃତିକ ସନ୍ଧ୍ୟା

ମହାଶିବରାତ୍ରି ପ୍ରସ୍ତୁତିରେ ବିଭିନ୍ନ ମନ୍ଦିରରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। କେଉଁଠି ଭକ୍ତିଭରା ଭଜନ ସନ୍ଧ୍ୟା ତ କେଉଁଠି ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ରହିଛି। ପ୍ରାୟ ସବୁଠି ରାଜ୍ୟର ଜଣାଶୁଣା କଣ୍ଠଶିଳ୍ପୀ ଓ ନୃତ୍ୟଶିଳ୍ପୀ ଅଂଶଗ୍ରହଣ କରିବେ। ବ୍ରହ୍ମେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହେବାକୁ ଥିବା ଭଜନ ସମାରୋହରେ ମୁମ୍ବାଇର ଖ୍ୟାତନାମା କଣ୍ଠଶିଳ୍ପୀ ପାମେଲା ଜୈନ୍ ଓ ସାରିକା ସିଂ ଯୋଗଦେବେ। ଏହାସହ ଏଠାରେ ଇରା ମହାନ୍ତି, କୁମାର ବାପି, ଶୈଳଭାମା ମହାପାତ୍ର ପ୍ରମୁଖ କଣ୍ଠଶିଳ୍ପୀ ଭଜନ ପରିବେଷଣ କରିବେ।

ଧରିତ୍ରୀ
DHARITRI



# ଫଳକରେ ନାଁ ନ ଥିବାରୁ ଅର୍ଥମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

**ବାଲକାଟୀ,୩।୩(ଡି.ଏନ୍.ଏ.)**

ଜୟଦେବ ନିର୍ବାଚନମଣ୍ଡଳୀ ବାଲିଅନ୍ତା ତହସିଲ କାର୍ଯ୍ୟାଳୟ ନିକଟରେ ରବିବାର ଅଗ୍ନିଶମ କେନ୍ଦ୍ର ଲୋକାର୍ପିତ ଉତ୍ସବରେ ହୋଇଥିବା ନାମଫଳକରେ ଜନପ୍ରତିନିଧିଙ୍କ ନାମ ନ ଥିବା ନେଇ ଅସନ୍ତୋଷ ଦେଖାଦେଇଛି। ଫଳରେ ଉତ୍ସବରେ ଯୋଗଦେଇଥିବା ଅର୍ଥମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ସୂଚନା ଅନୁଯାୟୀ, ନୂତନ ଅଗ୍ନିଶମ କେନ୍ଦ୍ର ଲୋକାର୍ପିତ ଅବସରରେ ପୂର୍ବ ନିର୍ଦ୍ଧାରିତ ଅନୁଯାୟୀ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଫଳକ ଉଦ୍‌ଘାଟନ କରିଥିଲେ। ମାତ୍ର ୧୫ମିନିଟ ମଧ୍ୟରେ କାର୍ଯ୍ୟକ୍ରମ ସାରି ମନ୍ତ୍ରୀ ଚାଲିଯିବା ପରେ ଘଟଣାସ୍ଥଳରେ ଶତାଧିକ ମହିଳା ପୁରୁଷ ପହଞ୍ଚି ନବୀନ ପଟ୍ଟନାୟକ ଜିନ୍ଦାବାଦ କହିବା ସହ ଶଶି ବେହେରା ମୁର୍ଦ୍ଦାବାଦ ଧ୍ୱନି ଦେଇ ଅଗ୍ନିସେବା କେନ୍ଦ୍ର ମଧ୍ୟକୁ ପଶିଯାଇଥିଲେ। ଫଳକ ଉପରେ କଳା ବୋଳିବା ସହ କାର୍ଯ୍ୟାଳୟ ବାହାରେ ମନ୍ତ୍ରୀ ବେହେରାଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏ ନେଇ ଅସନ୍ତୋଷର ନେତୃତ୍ୱ ନେଇଥିବା ପୂର୍ବତନ ଜିଲା ପରିଷଦ ସଭ୍ୟ ଚୌଧୁରୀ ଦ୍ୱାରିକାନାଥ ଦାଶ କୁହନ୍ତି, ଫଳକରେ କେବଳ ମନ୍ତ୍ରୀଙ୍କ ନାମ ଥିବାବେଳେ ବ୍ଲକ ଅଧ୍ୟକ୍ଷା, ସ୍ଥାନୀୟ ସରପଞ୍ଚ ଓ ଜନପ୍ରତିନିଧିଙ୍କ ନାମ ନଥିବାରୁ ଏହି ବିରୋଧ କରିଥିଲୁ ବୋଲି କହିଥିଲେ। ସୂଚନାଯୋଗ୍ୟ, ୨୧.୧.୨୦୧୮ରେ ଏହି ଅଗ୍ନିଶମ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ ମନ୍ତ୍ରୀ ଶଶିଭୂଷଣ ବେହେରାଙ୍କ ଦ୍ୱାରା ହୋଇଥିବାବେଳେ ସେଥିରେ ମଧ୍ୟ ଅନ୍ୟ ପ୍ରତିନିଧିଙ୍କ ନାମ ନ ଥିବାରୁ ବିରୋଧ କରାଯାଇଥିଲା।

# ପୋଲିସ ଏସ୍‌ଆଇ, ଯୁବକ ହାତାହାତି

**କଟକରୋଡ,୩।୩(ଡି.ଏନ୍.ଏ.)**

ଭୁବନେଶ୍ୱରର ଆରପିଏଫ ପୋଷ୍ଟ ପରିସରରେ ରବିବାର ଜଣେ ଆରପିଏଫ କର୍ମଚାରୀ ନିୟମ ମନାଇବାକୁ ଯାଇ ଅଡୁଆରେ ପଡିଛନ୍ତି। ଏପରିକି ସେଠାରେ ଜଣେ ଏସଆଇଙ୍କ ସହ ଯୁବକଙ୍କ ହାତାହାତି ହୋଇଛି। ଜଣେ ଆରପିଏଫ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଯାଜପୁର ଜିଲା ଅଞ୍ଚଳରେ ରହୁଥିବା ଜଣେ ଯୁବକ ସକାଳେ ରେଳ ଷ୍ଟେଶନର ପ୍ଲାଟଫର୍ମ ନଂ ୬ର କିଛି ଦୂରରେ ପରିସ୍ରା କରୁଥିଲେ। ସେହି ପ୍ଲାଟଫର୍ମରେ ମୁତୟନ ଥିବା ଆରପିଏଫ କର୍ମଚାରୀ ଏହାଦେଖି ଯୁବକ ଜଣକ ଶୌଚାଳୟ ବ୍ୟବହାର କରି ନଥିବାରୁ ତାଙ୍କୁ ଜରିମାନା ଦେବା ପାଇଁ କହିବାସହ ପୋଷ୍ଟକୁ ନେଇ ଯାଇଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହେବାରୁ ନିକଟରେ ଥିବା ଜଣେ ଏସ୍‌ଆଇ ବୁଝାଶୁଝା କରୁଥିବାବେଳେ ଯୁବକ ଜଣକ ତାଙ୍କୁ ଧକ୍କା ମାରିଥିଲେ। ଫଳରେ ଏସଆଇ ଓ ଯୁବକଙ୍କ ମଧ୍ୟରେ ବଚସା ହୋଇ ହାତାହାତି ହୋଇଥିଲେ। ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ଚାଲିଥିବାବେଳେ ସେଠାରେ ଅନ୍ୟ କର୍ମଚାରୀ ସବୁ ଉପସ୍ଥିତ ଥିଲେ ମଧ୍ୟ ଯୁବକ ଜଣକ ନିଜକୁ ଖବରଦାତା ବୋଲି ପରିଚୟ ଦେବାରୁ ସମସ୍ତ କର୍ମଚାରୀ ନୀରବ ହୋଇଯାଇଥିଲେ। ଏନେଇ ଆରପିଏଫ କର୍ମଚାରୀ ଓ ଏସ୍‌ଆଇ ଉକ୍ତ ଯୁବକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ଛାଡି ଦେଇଥିବା ଜଣାପଡିଛି। ଏ ସମ୍ପର୍କରେ ଆରପିଏଫ ଥାନାଧିକାରୀ ନୃସିଂହ ପଟ୍ଟନାୟକ କୁହନ୍ତି, ଏଭଳି ଘଟଣା ବାବଦରେ ଏସଆଇ ଜଣଙ୍କ ନିଜ ଆଡୁ ରିପୋର୍ଟ ଦେବା କଥା, କିନ୍ତୁ ସେଭଳି କିଛି ହୋଇ ନ ଥିବା କହିଛନ୍ତି।



କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମଠାରେ ରବିବାର ଖଣ୍ଡାୟତ ଓ କ୍ଷେତ୍ରିୟ ସମାଜ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ସମରକଳା ପ୍ରତିଯୋଗିତାର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ବୋଧନ ଦେଉଛନ୍ତି।

# ରାଜ୍ୟରେ ଓବିସି ବର୍ଗକୁ ସଂରକ୍ଷଣର ସାମ୍ବିଧାନିକ ଅଧିକାରରୁ ବଞ୍ଚିତ କରାଯାଇଛି: ଧର୍ମେନ୍ଦ୍ର

**କଟକ ଅଫିସ, ୩।୩**

## ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ପାଳନ

ଅନ୍ୟ ରାଜ୍ୟଗୁଡ଼ିକରେ ଅନ୍ୟାନ୍ୟ ପଛୁଆ ଜାତି (ଓବିସି) ବର୍ଗ ପାଇଁ ସମ୍ବିଧାନ ସଂଶୋଧନ ଅନୁଯାୟୀ ପାଠପଢା ଓ ଚାକିରିରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ ହୋଇଛି। ମାତ୍ର ଓଡିଶାରେ ଓବିସି ବର୍ଗକୁ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ କରାଯାଇଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସ୍ଥାନୀୟ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମଠାରେ ରବିବାର ଖଣ୍ଡାୟତ ଓ କ୍ଷେତ୍ରିୟ ସମାଜ ଦ୍ୱାରା ଆୟୋଜିତ ହୋଇଥିଲା ରାଜ୍ୟ ସ୍ତରୀୟ ସମରକଳା ପ୍ରତିଯୋଗିତାର ଉଦ୍‌ଯାପନୀ କାର୍ଯ୍ୟକ୍ରମ। ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଧର୍ମେନ୍ଦ୍ର ଉପରୋକ୍ତ ମନ୍ତବ୍ୟ ଦେଇଥିଲେ। କେନ୍ଦ୍ର ସରକାର ପାଇକ ବିଦ୍ରୋହ ସ୍ମାରକୀ ପାଇଁ ଅର୍ଥ ବ୍ୟୟବରାଦ କରିଥିବା ବେଳେ ରାଜ୍ୟ ସରକାର ଏପର୍ଯ୍ୟନ୍ତ ଜମି ଯୋଗାଇ ନାହାନ୍ତି। ବିଦେଶରେ ଥିବା ନୀରବ ମୋଦିଙ୍କ ଶିଳ୍ପ ପାଇଁ ରାଜ୍ୟ ସରକାର ବାରଙ୍ଗ ପାଖରେ ଜମି ଯୋଗାଇ ଦେଇଛନ୍ତି। କିନ୍ତୁ ବରୁଣେଇ ପାହାଡ ତଳେ ମାଗଣାରେ ଜମି ଦେବାକୁ କହି ମୁଖ୍ୟମନ୍ତ୍ରୀ କାହିଁକି ତାହାକୁ କାର୍ଯ୍ୟକାରୀ କରିନାହାନ୍ତି ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି। କୁରୁସଭାରେ ଦ୍ରୌପଦୀଙ୍କ ଅସମ୍ମାନ ବେଳେ ସମାଜର ପ୍ରବୃଦ୍ଧ ବର୍ଗ ନୀରବ ରହିବା ଅପରାଧ ଥିଲା ବୋଲି ଦର୍ଶାଇ ରାଜ୍ୟ ସରକାରଙ୍କ ଅନ୍ୟାୟ ବିରୋଧରେ ବୁଦ୍ଧିଜୀବୀ ମୁହଁ ଖୋଲିବାକୁ ଧର୍ମେନ୍ଦ୍ର ଆହ୍ୱାନ ଦେଇଛନ୍ତି।

କାର୍ଯ୍ୟକ୍ରମରେ ସର୍ବ ଭାରତୀୟ କୁର୍ମି କ୍ଷେତ୍ରିୟ ମହାସଂଘର ସଭାପତି ଭି.ଏସ୍. ନିରଞ୍ଜନ, ଉପସଭାପତି ସରୋଜ ସିଂ, ମହାସଂଘର ମହିଳା ଶାଖା ସଭାନେତ୍ରୀ ଲତାରିଷି ଚନ୍ଦ୍ରା, ସର୍ବଭାରତୀୟ ଜାଟ୍ ମହାସଂଘର ସଭାପତି ଡିନେଶ ସିଂ କନଓ୍ୱର, ସର୍ବଭାରତୀୟ ମରାଠା ମହାସଂଘର ସଭାପତି ପବନ ପାଓ୍ୱାର, ସର୍ବଭାରତୀୟ ଗୁଜ୍ଜର ମହାସଂଘର ସଭାପତି କନଓ୍ୱର ସିଂ, ସର୍ବ ଭାରତୀୟ ପଟେଲ ଯୁବ ଶାଖାର ସଭାପତି ବୀରେନ୍ଦ୍ର ସିଂ, ଭାଜପା ନେତା ପୀତାମ୍ବର ଆଚାର୍ଯ୍ୟ, ଲଲାଟେନ୍ଦୁ ବଡୁ, ପୂର୍ବତନ ମନ୍ତ୍ରୀ ସମୀର ଦେ ପ୍ରମୁଖ ମଞ୍ଚାସୀନ ଥିଲେ।

କାର୍ଯ୍ୟକ୍ରମ ପୂର୍ବରୁ ବାରବାଟୀ-କଟକ ଭାଜପା ପକ୍ଷରୁ ସ୍ଥାନୀୟ ବେଲଭିୟୁ ଛକଠାରେ ଧର୍ମେନ୍ଦ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ବାଇକ୍ ଶୋଭାଯାତ୍ରାରେ ତାଙ୍କୁ ସଭାସ୍ଥଳକୁ ପାଛୋଟି ନିଆଯାଇଥିଲା।

## ବିଜୁ ଯୁବବାହିନୀ ସଦସ୍ୟଙ୍କୁ ହତ୍ୟା ମାମଲା

# ସାଙ୍ଗ ପାଇଁ ବଳି ପଡ଼ିଲେ ଶିବଶଙ୍କର

**ଭୁବନେଶ୍ୱର,୩।୩ (ବ୍ୟୁରୋ)**

- ପ୍ରେମ ବ୍ୟାପାରକୁ ନେଇ ଟାର୍ଗେଟରେ ଥିଲେ ଲିଙ୍ଗରାଜ
- ମୁଖ୍ୟ ଅଭିଯୁକ୍ତଙ୍କ ସହ ୩ ଅଟକ

ଖଣ୍ଡଗିରି ଥାନା ଅନ୍ତର୍ଗତ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ନିକଟରେ ବିଜୁ ଯୁବ ବାହିନୀ ସଦସ୍ୟ ଶିବଶଙ୍କର ଗୌଡ଼ଙ୍କୁ ଶନିବାର ରାତିରେ ହତ୍ୟା କରାଯାଇଥିଲା। ଏହି ହତ୍ୟାକାଣ୍ଡର କାରଣ ଏବେ ସ୍ପଷ୍ଟ କରିଛି ପୋଲିସ। ପ୍ରେମ ବ୍ୟାପାରକୁ କେନ୍ଦ୍ରକରି ଏହି ଘଟଣା ଘଟିଥିବାବେଳେ ସାଙ୍ଗ ଲିଙ୍ଗରାଜ ରେଡ୍ଡୀଙ୍କ ପାଇଁ ଶିବଶଙ୍କରଙ୍କ ଜୀବନ ଯାଇଥିବା ତଦନ୍ତରୁ ଜଣାପଡିଛି। ଲିଙ୍ଗରାଜ ହିଁ ଅଭିଯୁକ୍ତଙ୍କ ଟାର୍ଗେଟରେ ଥିଲେ। ହେଲେ ସେ ଆହତ ଅବସ୍ଥାରେ ଖସି ଯିବାରୁ ଅଭିଯୁକ୍ତମାନେ ଶିବଶଙ୍କରଙ୍କୁ ହତ୍ୟା କରିଥିଲେ। ତେବେ ପୋଲିସ ଆଇପିସି ଦଫା ୩୦୨ ଓ ୩୪ରେ ମାମଲା ନଂ.୧୧୪/୧୯ ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ପୋଲିସ ଆହତ ଲିଙ୍ଗରାଜଙ୍କ ବୟାନ ଆଧାରରେ ହତ୍ୟାକାଣ୍ଡରେ ସଂପୃକ୍ତ ମୁଖ୍ୟ ଅଭିଯୁକ୍ତ ସମେତ ୩ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି। ଅନ୍ୟପକ୍ଷରେ ରବିବାର କ୍ୟାପିଟାଲ ହସ୍ପିଟାଲରେ ମୃତଦେହକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଶିବଶଙ୍କରଙ୍କ ପେଟକୁ ଏକ ଛୋଟ ଛୁରିରେ ଭୁସି ହତ୍ୟା କରାଯାଇଛି। ପ୍ରବଳ ରକ୍ତସ୍ରାବ ଯୋଗୁ ତାଙ୍କର ମୃତ୍ୟୁ ଘଟିଛି ବୋଲି ବ୍ୟବଚ୍ଛେଦବେଳେ ଜଣାପଡିଛି।

ପୋଲିସ ସୂଚନାନୁସାରେ, ଲିଙ୍ଗରାଜ ବରମୁଣ୍ଡା ଅଞ୍ଚଳର ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। ଯୁବତୀଙ୍କ ପରିବାର ଲୋକେ ଏହା ଜାଣିବା ପରେ ଲିଙ୍ଗରାଜକୁ ତାଗିଦ କରିଥିଲେ। ହେଲେ ଲିଙ୍ଗରାଜ କିଛି ନ ଶୁଣି ଉକ୍ତ ଯୁବତୀଙ୍କୁ ବାରମ୍ବାର ଫୋନ୍ କରି କଥା ହେଉଥିଲେ। ଏହାକୁ ନେଇ ଲିଙ୍ଗରାଜଙ୍କ ସହ ଯୁବତୀଙ୍କ ସମ୍ପର୍କୀୟଙ୍କର ୪ଦିନ ତଳେ ବଚସା ହୋଇଥିଲା। ଏହାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇ ଆପୋସ ସମାଧାନ ହୋଇଥିଲା। ଲିଙ୍ଗରାଜ ଉକ୍ତ ଯୁବତୀଙ୍କୁ ଫୋନ୍ କରିବେ ନାହିଁ ଓ ତାଙ୍କୁ ଭୁଲିଯିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପରେ ଲିଙ୍ଗରାଜ ଯୁବତୀଙ୍କୁ ଫୋନ କରିବା ସହ ତାଙ୍କୁ ଧରି ବୁଲାବୁଲି କରୁଥିଲେ। ତେଣୁ ଲିଙ୍ଗରାଜକୁ ହତ୍ୟା ପାଇଁ ଯୋଜନା ହୋଇଥିଲା। ଯୋଜନା ମୁତାବକ ଲିଙ୍ଗରାଜକୁ ପୁଣି ସମାଧାନ ପାଇଁ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ନିକଟ ଏକ ଅନ୍ଧାରୁଆ ସ୍ଥାନକୁ ଡାକିଥିଲେ। ଲିଙ୍ଗରାଜ ଏକୁଟିଆ ଯିବାକୁ ଉଚିତ ନ ମଣି ସାଙ୍ଗ ଶିବଶଙ୍କରଙ୍କୁ ଡାକିଥିଲେ। ଶିବଶଙ୍କର ଅଧା ଖାଇବାରୁ ଉଠି ତାଙ୍କ ସହ ଯାଇଥିଲେ। ଶିବ ଶଙ୍କର ବାଇକ ଚଳାଉଥିବାବେଳେ ପଛରେ ଲିଙ୍ଗରାଜ ବସିଥିଲେ। ଦୁହେଁ ଉକ୍ତ ସ୍ଥାନରେ ପହଞ୍ଚିବା ପରେ ପୂର୍ବରୁ ସେଠାରେ ରହିଥିବା ଗୋଷ୍ଠୀ ସହ ପ୍ରଥମେ କଥାବାର୍ତ୍ତା ହୋଇଥିଲା। ପରେ ଲିଙ୍ଗରାଜକୁ ଟେକିନେଇ ନିସ୍ଠୁର ମାଡ଼ ମାରିଥିଲେ। ହେଲେ ଲିଙ୍ଗରାଜ କୌଶଳକ୍ରମେ ଆକ୍ରମଣକାରୀଙ୍କ କବଳରୁ ଖସି ବାଇକ୍ ଧରି ଚମ୍ପଟ ମାରିଥିବାବେଳେ ଶିବଶଙ୍କର ସେମାନଙ୍କ ହାବୁଡରେ ପଡିଯାଇଥିଲେ। ଅଭିଯୁକ୍ତମାନେ ତାଙ୍କୁ ମାଡ଼ମାରି ତଳେ ପକେଇ ଦେବା ପରେ ପେଟରେ ଛୁରିଭୁସି ଦେଇଥିଲେ। ଫଳରେ ଘଟଣା ସ୍ଥଳରେ ଶିବଶଙ୍କରଙ୍କ ହିଁ ମୃତ୍ୟୁ ଘଟିଥିଲା। ଥାନା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ର କହିଛନ୍ତି,ଏହି ହତ୍ୟାକାଣ୍ଡ ପ୍ରେମ ବ୍ୟାପାରରୁ ଘଟିଛି। ଘଟଣାର ତଦନ୍ତ କରି ସଫଳତା ପାଇଛୁ। ଶୀଘ୍ର ଅଭିଯୁକ୍ତମାନେ ଗିରଫ ହେବେ ବୋଲି ସେ କହିଛନ୍ତି।






1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



“ ବଳ ପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ,
ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।

-ଆଇନଷ୍ଟାଇନ



# ନବବଧୂଙ୍କୁ ତଣ୍ଟିଚିପି ହତ୍ୟା ଅଭିଯୋଗ

■ଶାଶୁ, ଶ୍ୱଶୁର ଅଟକ
■ଯୌତୁକ ନିର୍ଯାତନା ଦେଉଥିଲେ ଶାଶୁଘର ଲୋକେ
■୫ ମାସର ଗର୍ଭବତୀ ଥିଲେ ନବବଧୂ

ତିଗିରିଆ,୩।୩(ଡି.ଏନ.ଏ.)

ତିଗିରିଆ ଥାନା ଅଧୀନ ରଘୁରାମପୁର ଗ୍ରାମରେ ଜଣେ ନବବଧୂଙ୍କୁ ଯୌତୁକ ନିର୍ଯାତନା ଦିଆଯିବା ସହ ତଣ୍ଟିଚିପି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ରବିବାର ନବବଧୂଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗ ପାଇବା ପରେ ଘଟଣାରେ ସମ୍ପୃକ୍ତ ଥିବା ନବବଧୂଙ୍କ ଶାଶୁ ଓ ଶ୍ୱଶୁରଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ନବବଧୂ ୫ ମାସର ଗର୍ଭବତୀ ଥିବା ଜଣାପଡ଼ିଛି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ସୂଚନା ଅନୁସାରେ, ଥାନା ଅଧୀନ ଶୁଣ୍ଡିପାଳ ଗ୍ରାମର କେଶବ ଚନ୍ଦ୍ର ନାଏକଙ୍କ ଝିଅ ସିଲା ନାଏକ(୨୩)ଙ୍କ ରଘୁରାମପୁର ଗ୍ରାମର ଈଶ୍ୱର ନାଏକଙ୍କ ପୁଅ ତପନ ନାଏଙ୍କ ସହ ଗତ ବର୍ଷ ବିବାହ ହୋଇଥିଲା। ବିବାହ ସମୟରେ ବରପକ୍ଷର ଦାବି ଅନୁସାରେ ଯୌତୁକ ଦିଆଯିବା ସହ ଏକ ବାଇକ୍ କିଣିବା ପାଇଁ ନଗଦ ୫୦ ହଜାର ଟଙ୍କା ଦିଆଯାଇଥିଲା। ଏହାବାଦ ଅନ୍ୟ ଆସବାବ ପ୍ରାୟ ୫୦ ହଜାର ଟଙ୍କା ମୂଲ୍ୟର ଦିଆଯାଇଥିଲା। ବିବାହର ଗୋଟିଏ ମାସ ଠିକ୍‌ଠାକ୍ ଚାଲିବା ପରେ ସିଲାଙ୍କୁ ସ୍ୱାମୀ ଓ ଶାଶୁଘରର ସମସ୍ତ ସଦସ୍ୟ ଆଉ ୫୦ ହଜାର ଟଙ୍କା ସହ ଫ୍ରିଜ ଆଣିବାକୁ କହିଥିଲେ। ଟଙ୍କା ଓ ଫ୍ରିଜ୍ ଆଣିବାରେ ବିଳମ୍ବ ହେବାରୁ ସେମାନେ ସିଲାଙ୍କୁ ବାରମ୍ବାର ଗାଳିଗୁଲଜ କରିବା ସହ ଶାରିରୀକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ସିଲା ଏ ସମ୍ପର୍କରେ ବାପଘରକୁ ଜଣାଇ ଆସୁଥିଲେ। ଗତ ମାସରେ ମଧ୍ୟ ସିଲାଙ୍କୁ ମାଡ଼ ମରାଯିବାରୁ ସେ ବାପ ଘରକୁ ପଳାଇ ଯାଇଥିଲେ। ୫ ଦିନ ରହିବା ପରେ ଗତ ମାସ ୨୨ତାରିଖ ଦିନ ବାପଘର ଲୋକେ ସିଲାଙ୍କୁ ଆଣି ଶାଶୁ ଘରେ ଛାଡ଼ିବା ସହ ଘଟଣାର ସମାଧାନ କରିଥିଲେ। ଆଗକୁ ଏପରି ହେବ ନାହିଁ ବୋଲି ସିଲାଙ୍କ ଶାଶୁଘର ଲୋକେ କହିଥିଲେ। କିନ୍ତୁ ରବିବାର ସକାଳ ପ୍ରାୟ ୭ଟାରେ ସିଲାଙ୍କ ଶ୍ୱଶୁର ତାଙ୍କ ବାପ ଘରକୁ ଫୋନ କରି ଜଣାଇଥିଲେ ଯେ, ତୁମ ଝିଅ ଦେହ ସାଙ୍ଘାତିକ ଖରାପ ହୋଇଛି। ତେଣୁ ତୁରନ୍ତ ଆସି ପହଞ୍ଚ। ଏକଥା ଶୁଣି ସିଲାଙ୍କ ପରିବାର ଲୋକେ ଆସି ଦେଖିବାବେଳେକୁ ସିଲାଙ୍କ ମୃତଦେହ ଖଟ ଉପରେ ପଡ଼ିଥିଲା। ତାଙ୍କ ବେକରେ ମୋଟା ଓ ଗଭୀର କଳାଦାଗ ରହିଥିଲା। ତେଣୁ ସିଲାଙ୍କୁ ଶନିବାର ରାତିରେ ଶାଶୁଘର ଲୋକେ ମାରଧର କରିବା ସହ ତଣ୍ଟିଚିପି ହତ୍ୟା କରିଥିବା ତାଙ୍କ ବାପା ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିଲାଙ୍କ ଶାଶୁ ବାସନ୍ତୀ ଓ ଶ୍ୱଶୁର ଈଶ୍ୱରଙ୍କୁ ଥାନାକୁ ଆଣି ଅଟକ ରଖିଛି। ଏ ନେଇ ଏକ ମାମଲା ନଂ-୨୫/୧୯ ରୁଜୁ ହୋଇଛି। ଏଏସଆଇ ରମାକାନ୍ତ ଜେନା ଘଟଣାର ତଦନ୍ତ କରୁଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଆଠଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ପଠାଇଛି। ସିଲାଙ୍କ ସ୍ୱାମୀ ଚେନ୍ନାଇର ଏକ ଘରୋଇ କମ୍ପାନୀରେ କାମ କରୁଥିବାରୁ ସେ ଏ ପର୍ଯ୍ୟନ୍ତ ଘରେ ପହଞ୍ଚିନାହାନ୍ତି।



ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା କରାଯାଉଛି।

## ବିପର୍ଯ୍ୟୟ ପରିଚାଳନା ସଚେତନତା

ବଡ଼ମ୍ବା,୩।୩(ଡି.ଏନ.ଏ.)

ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗ ଆନୁକୂଲ୍ୟରେ ରବିବାର ବଡ଼ମ୍ବା ବ୍ଲକ ଅଧୀନ ଶଙ୍ଖାମେରୀ ପଞ୍ଚାୟତରେ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଥପ୍ରାନ୍ତ ନାଟକ ମାଧ୍ୟମରେ ଏହାର ସଚେତନ କରାଯାଇଥିଲା। ଗ୍ରାମ ପଞ୍ଚାୟତ ଗୁଡ଼ିକରେ ଥିବା ବାତ୍ୟା ଆଶ୍ରୟସ୍ଥଳର ସୁରକ୍ଷା ସହିତ ଏହାର ପରିଚାଳନା କମିଟି ଦାୟିତ୍ୱ ଉପରେ ନାଟକ ପ୍ରଦର୍ଶିତ କରାଯାଇଥିଲା। ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ସହବନ୍ଧିତ କଳାକାରମାନେ ଶଙ୍ଖାମେରୀ ଗ୍ରାମସ୍ଥିତ ଗୋପୀନାଥ ଦେବଙ୍କ ମନ୍ଦିର ନିକଟରେ ଉକ୍ତ କାର୍ଯ୍ୟକ୍ରମ କରିଥିଲେ। ଏଥିରେ ଶଙ୍ଖାମେରୀ ବାତ୍ୟା ଆଶ୍ରୟସ୍ଥଳ ପରିଚାଳନା କମିଟିର ସମ୍ପାଦକ ଭିକାରୀ ପାଣି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଗ୍ରାମର ବହୁ ଜନସାଧାରଣ ଉପଭୋଗ କରିଥିଲେ।

## ସଂକ୍ଷେପରେ

### ବାଙ୍କୀ ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତିର ସାଧାରଣ ସଭା



**ବାଙ୍କୀ,୩।୩(ସ୍ୱ.ପ୍ର.):** ବାଙ୍କୀ ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତିର ବାର୍ଷିକ ସାଧାରଣ ସଭା ଶନିବାର ସମିତି କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏଥିରେ ସଭାପତି ସମରେନ୍ଦ୍ର ମହାପାତ୍ର ଅଧକ୍ଷତା କରି ଉପସ୍ଥିତ ସଭ୍ୟଙ୍କୁ ସ୍ୱାଗତ ଜଣାଇଥିଲେ। ସମ୍ପାଦକ ହେମନ୍ତ ରାଉତ ଗତ ସାଧାରଣ ସଭାର ବିବରଣୀ ପାଠ କରିବା ପରେ ସଭ୍ୟମାନେ ଏହାର ବିସ୍ତୃତ ଆଲୋଚନା କରିଥିଲେ। ୨୦୧୭-୧୮ବର୍ଷର ଅଡିଟ୍ ରିପୋର୍ଟ ଉପସ୍ଥାପନ କରାଯାଇ ତ୍ରୁଟି ସଂଶୋଧନ କରାଯାଇଥିଲା। ୨୦୧୮-୧୯ବର୍ଷର ଅତିରିକ୍ତ ବାର୍ଷିକ ଅଟକଳ ଉପସ୍ଥାପନ କରାଯାଇ ଅନୁମୋଦନ କରାଯିବା ସହିତ ୨୦୧୯-୨୦ବର୍ଷର ବାର୍ଷିକ ଅଟକଳ ଉପସ୍ଥାପନ କରାଯାଇଥିଲା। ଆଗାମୀ ଆର୍ଥିକ ବର୍ଷରେ ସମିତି ତରଫରୁ ଲୁହା ରଡ୍ ଓ ସିମେଣ୍ଟ୍ ବିକ୍ରୟ ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୈଠକରେ ଉପସଭାପତି ପ୍ରେମଲତା ସାହୁ, ବାଙ୍କୀ ସମବାୟ ସର୍କଲ ସହକାରୀ ନିବନ୍ଧକ ସରୋଜକାନ୍ତ ଜେନା, ସନ୍ତୋଷ ରଣା, ସୁବାସ ଚନ୍ଦ୍ର ପାଢୀ, ରମେଶ ସ୍ୱାଇଁ, ଆର୍ତ୍ତତ୍ରାଣ ସ୍ୱାଇଁ, ଆର୍ତ୍ତବନ୍ଧୁ ବେହେରା ଓ ପ୍ରେମଲତା ସାହୁଙ୍କ ସମେତ ସମସ୍ତ ସଭ୍ୟ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମିତି କର୍ମଚାରୀ ଦେବେନ୍ଦ୍ର ପୃଷ୍ଟି ସହଯୋଗ କରିଥିଲେ। ସଭ୍ୟ ଆର୍ତ୍ତତ୍ରାଣ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

### ସଂଖ୍ୟାଲଘୁ ସମ୍ପ୍ରଦାୟ କର୍ମଶାଳା

**ମାହାଙ୍ଗା,୩।୩(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ଅଧୀନ ଗୌଡ଼ପଡ଼ା ଡାକ ବଙ୍ଗଳାଠାରେ ବ୍ଲକ୍‌ସ୍ତରୀୟ ସଂଖ୍ୟାଲଘୁ ସମ୍ପ୍ରଦାୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ନଜିର ମହମ୍ମଦଙ୍କ ସଭାପତିତ୍ୱରେ ଆୟୋଜିତ କର୍ମଶାଳାରେ ମୁଖ୍ୟଅତିଥିଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ବ୍ଲକ୍ ଅଞ୍ଚଳରେ ଥିବା ସଂଖ୍ୟାଲଘୁ ସମ୍ପ୍ରଦାୟ ଲୋକଙ୍କ କିପରି ଅଧିକରୁ ଅଧିକ ଉନ୍ନତି କରାଯାଇପାରିବ ଓ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଅତିଥିଭାବେ ବ୍ଲକ ଅଧକ୍ଷ ଶରତ ନାୟକ, ଉପାଧକ୍ଷା ରଶିଦା ବେଗମ, ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, ଆମ୍ବା ଅଧକ୍ଷ ଗୌତମ ଶରଣ, ମୌଲାନା ଫାୟାଜ ଆଲାମ, ମୌଲାନା ଜଲାଲ ସାର ପ୍ରମୁଖ ଯୋଗ ଦେଇଥିଲେ। ହନିଫ ଖାଁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିବାବେଳେ ରିଆଜୁଲ ହୋଦା ଧନ୍ୟବାଦ ଦେଇଥିଲେ। ମୋତିଉର ରହେମାନ, ସେକ କାଲାଙ୍କ ସମେତ ମାହାଙ୍ଗାର ବହୁ ମୌଲାନା ଓ ସଂଖ୍ୟା ଲଘୁ ସମ୍ପ୍ରଦାୟ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଆଲୋକୀକରଣ ବ୍ୟବସ୍ଥା ଉଦ୍‌ଘାଟିତ

**ନିଶ୍ଚିନ୍ତକୋଇଲି,୩।୩(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ବିଭିନ୍ନ ବଜାରରେ ରବିବାର ଆଲୋକୀକରଣ ବ୍ୟବସ୍ଥା ଉଦ୍‌ଘାଟିତ ହୋଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ଏସବୁର ଉଦ୍‌ଘାଟନ କରିଛନ୍ତି। ମନ୍ତ୍ରୀ ଜେନା ପ୍ରଥମେ ନିଶ୍ଚିନ୍ତକୋଇଲି ବ୍ଲକ ଛକ ବଜାର ଆଲୋକୀକରଣ ବ୍ୟବସ୍ଥାର ଉଦ୍‌ଘାଟନ କରିଥିଲେ। ପରେ ବୁହାଲୋ ପଞ୍ଚାୟତ ସାଧକନଗର ନିକଟରେ ଖଇରା ପୋଲଠାରୁ ବରପଡା ପର୍ଯ୍ୟନ୍ତ ଓ ସାଧକନଗରଠାରୁ ଅସୁରେଶ୍ୱର ରାସ୍ତାର ଉନ୍ନତୀକରଣ ପାଇଁ ଶିଳାନ୍ୟାସ କରିଥିଲେ। ଏହାପରେ ବରପଡ଼ା ବଜାର ଆଲୋକୀକରଣ ବ୍ୟବସ୍ଥାକୁ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ମାହାଙ୍ଗା ନିର୍ବାଚନମଣ୍ଡଳୀ ବିଜେଡି ପର୍ଯ୍ୟବେକ୍ଷକ ବିବେକାନନ୍ଦ ସାମନ୍ତରାୟ, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ଉପାଧକ୍ଷା ସବିତା ମହାନ୍ତି ଓ ଅଶୋକ ଓଝାଙ୍କ ସମେତ ଦଳୀୟ କର୍ମକର୍ତ୍ତା ଓ ଲୋକପ୍ରତିନିଧି ଉପସ୍ଥିତ ଥିଲେ। ସେହିପରି ମନ୍ତ୍ରୀ ତରତ ପଞ୍ଚୟତ ଯାଇ ହରଚଣ୍ଡି ବଜାର, ତରତ ହନୁମାନ ଛକ, ଅସୁରେଶ୍ୱର ବଜାରର ଆଲୋକୀକରଣ ବ୍ୟବସ୍ଥାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଜିଲାପରିଷଦ ସଭ୍ୟା ଗୀତାଞ୍ଜଳି ପଣ୍ଡା, ପ୍ରାକ୍ତନ ବ୍ଲକ ଅଧକ୍ଷ ଗିରିଶ ରଞ୍ଜନ ମହାପାତ୍ର, ତରତ ସରପଞ୍ଚ ଜିତେନ୍ଦ୍ର ମିଶ୍ର, ସମିତିସଭ୍ୟ ପ୍ରମୋଦ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ବଜାର କମିଟି ପକ୍ଷରୁ ମନ୍ତ୍ରୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା।



ବ୍ରାହ୍ମଣୀ ଦେବୀ କ୍ରିକେଟ ଟୁର୍ନାମେଣ୍ଟର ଚାମ୍ପିୟନ୍ ଓ ରନର୍ସ ଅପ୍ ଦଳକୁ ଅତିଥି ପୁରସ୍କୃତ କରୁଛନ୍ତି।

## ବ୍ରାହ୍ମଣୀ ଦେବୀ କ୍ରିକେଟ ଟୁର୍ନାମେଣ୍ଟ: ରତାପାଟ ଚାମ୍ପିୟନ୍

ବଡ଼ମ୍ବା,୩।୩(ଡି.ଏନ.ଏ.)

ବଡ଼ମ୍ବା ବ୍ଲକ ଅଧୀନ ଜାନିସାହିସ୍ଥିତ ମା'ବ୍ରାହ୍ମଣୀ ଦେବୀ କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ମା'ବ୍ରାହ୍ମଣୀ ଦେବୀ କ୍ରିକେଟ ଟୁର୍ନାମେଣ୍ଟର ରବିବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଅଭିମାନପୁର କ୍ରିକେଟ୍ କ୍ଲବ ଓ ରତାପାଟ କ୍ରିକେଟ୍ କ୍ଲବ ମଧ୍ୟରେ ହୋଇଥିଲା। ଅଭିମାନପୁର ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୯ ଉଇକେଟ୍ ବିନିମୟରେ ୧୬୭ ରନ୍ ସଂଗ୍ରହ କରିଥିଲା। ଯବାବରେ ରତାପାଟ ଦଳ ୧୨ ଓଭରରେ ୪ ଉଇକେଟ୍ ହରାଇ ୧୭୧ରନ୍ କରି ବିଜୟୀ ହେବା ସହିତ ଚାମ୍ପିୟାନ ହୋଇଥିଲା। ରତାପାଟ ଦଳର ସୁଶାନ୍ତ ପଣ୍ଡା ୯୨ରନ୍ କରି ଅପରାଜିତ ରହି ମ୍ୟାନ୍ ଅପ୍ ଦି ମ୍ୟାଚ୍‌ଭାବେ ପୁରସ୍କୃତ ହୋଇଥିଲେ। ଅଭିମାନପୁର ଦଳର ଗିରିଶି ନାୟକ ମ୍ୟାନ୍ ଅପ୍ ଦି ସିରିଜ୍ ଭାବେ ପୁରସ୍କୃତ ହୋଇଥିଲେ। ମ୍ୟାଚ୍‌ରେ ମୁଖ୍ୟଅତିଥିଭାବେ ନରସିଂହପୁର ବ୍ଲକ ପୂର୍ବତନ ଉପାଧକ୍ଷ ଦୁର୍ଗା ପ୍ରସାଦ ମିଶ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ବ୍ଲକ ଅଧକ୍ଷା ଅନୁସୂୟା ନାଏକ, ଉପାଧକ୍ଷ ସଦାନନ୍ଦ ସ୍ୱାଇଁ, ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର କୁମାର ସାହୁ, ପୂର୍ବତନ ଜିଲା ପରିଷଦ ସଭ୍ୟ ରଘୁପତି ମହାନ୍ତି ଓ ସ୍ଥାନୀୟ ଯୁବନେତା ପ୍ୟାରୀମୋହନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଚାମ୍ପିୟାନ ଦଳକୁ ଚାମ୍ପିୟାନ୍ ସିଲ୍ ପ୍ରଦାନ କରାଯାଇଥିବାବେଳେ ରନର୍ସ ଅପ୍ ଦଳକୁ କପ୍ ପ୍ରଦାନ କରାଯାଇଥିଲା। କ୍ଲବ କର୍ମକର୍ତ୍ତାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ରେଭେନ୍‌ଶା ବାଣିଜ୍ୟ ଆଲୁମ୍‌ନି ସଂଘର ବାର୍ଷିକ ସମ୍ମିଳନୀ

କଟକ ଅଫିସ,୩।୩

ରେଭେନ୍‌ଶା ବାଣିଜ୍ୟ ଆଲୁମ୍‌ନି ସଂଘର ଦ୍ୱିତୀୟ ବାର୍ଷିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଫେସର ବ୍ରଜରାଜ ମହାନ୍ତି ଅଧକ୍ଷତା କରିଥିଲେ। ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ଦୀପକ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଖଡଗପୁର ଆଇଆଇଟିର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଦାମୋଦର ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗଦେଇ ବୈଷୟିକ ଜ୍ଞାନ ବିକାଶ ଦ୍ୱାରା ଆଗାମୀ ଭବିଷ୍ୟତକୁ ସମୀକ୍ଷା କରିଥିଲେ। ଏଥିରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଇଶାନ କୁମାର ପାତ୍ର ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ କମର୍ସର ଡିନ୍ ପ୍ରଫେସର ସଞ୍ଜୟ ଶତପଥୀ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଡିନ୍ ପ୍ରଫେସର ଶତପଥୀଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଏ କ୍ଲଷ୍ଟର ଅଫ ରିଫ୍ଲେକ୍ସନ' ଉନ୍ମୋଚିତ ହୋଇଥିଲା। ଆଗାମୀ ଦିନରେ ରେଭେନ୍‌ଶା ବାଣିଜ୍ୟ ଆଲୁମ୍‌ନି ସଂଘ ପକ୍ଷରୁ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ସମ୍ମିଳନୀ କରାଯିବ ବୋଲି ଘୋଷଣା କରାଯାଇଥିଲା।

## ଗଛରେ ପିଟିହେଲା କାର୍, ପରିବାରର ୪ ଗୁରୁତର

ନରସିଂହପୁର,୩।୩(ସ୍ୱ.ପ୍ର.)



ଦୁର୍ଘଟଣାଗ୍ରସ୍ତ କାର।

ନରସିଂହପୁରରୁ କଟକ ବଡ଼ ମେଡିକାଲକୁ ଯାଉଥିବା ଏକ କାର ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ଗଛରେ ପିଟି ହୋଇଛି। ଫଳରେ କାର୍‌ରେ ଥିବା ଗୋଟିଏ ପରିବାରର ୪ଜଣ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ପ୍ରଥମେ ନରସିଂହପୁର ଓ ପରେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ ବଡ଼ଭୂଇଁ ଗ୍ରାମର ଶ୍ରୀନିବାସ ସାହୁ(୫୦), ଶୁରେସ୍ ସାହୁ(୪୫), ସରସ୍ୱତୀ ସାହୁ(୬୫) ଓ ଅଞ୍ଜଳ ସାହୁ (୭୦)। ରବିବାର ସକାଳୁ ଏକ କାରରେ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଏମାନେ କଟକ ବଡମେଡିକାଲ ଯାଉଥିଲେ। ନୂଆପଡ଼ା ଛକ ପୂର୍ବରୁ ଏକ ବୁଲା କୁକୁର ହଠାତ କାର୍ ଆଗକୁ ମାଡି ଆସିବାରୁ ଡ୍ରାଇଭର କାର୍‌କୁ ଅଟକାଇବା ପାଇଁ ବ୍ରେକ୍ ଦେଇଥିଲେ। ମାତ୍ର କାର ସ୍କିଡ୍ ଥିବାରୁ ସେହି ସ୍ଥାନରେ ନ ରହି ରାସ୍ତା କଡରେ ଥିବା ଏକ ଗଛରେ ପିଟି ହୋଇ ଯାଇଥିଲା। କାରଟି ଦୁର୍ଘଟଣା ହେବା ପରେ ସମ୍ପୃକ୍ତ ଡ୍ରାଇଭର ଲୁଚି ପାଳାଇଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ନରସିଂହପୁର ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀ କର୍ମଚାରୀ ପହଞ୍ଚି ସମସ୍ତ ଗୁରୁତରଙ୍କୁ ଉଦ୍ଧାର କରି ନରସିଂହପୁର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ସମସ୍ତଙ୍କୁ କଟକ ବଡ଼ ମେଡିକାଲକୁ ପଠାଇ ଦିଆଯାଇଛି।

## କଂଗ୍ରେସର କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ

ବାଙ୍କୀ,୩।୩(ସ୍ୱ.ପ୍ର.)

ବାଙ୍କୀରେ କଂଗ୍ରେସ କ୍ଷମତାସୀନ ହେବାକୁ ଜୋରଦାର ଉଦ୍ୟମ ଆରମ୍ଭ କରିଛି। ଏହିକ୍ରମରେ ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟନାୟକଙ୍କ ନେତୃତ୍ୱରେ ବିଭିନ୍ନ ଜୋନରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହେଉଛି। ଏଥିରେ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ଖସଡ଼ା ପ୍ରସ୍ତୁତ କରାଯାଉଛି। ରବିବାର ବାଙ୍କୀ ନିର୍ବାଚନମଣ୍ଡଳୀ ୩୮ନମ୍ବର ଜୋନରେ ସଭାପତି କୁବେର ଚୌଧୁରୀଙ୍କ ନେତୃତ୍ୱରେ ତାଳବସ୍ତ ପଞ୍ଚାୟତ ବେଲ ପାହାଡ଼ଠାରେ ଏକ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ମୁଖ୍ୟଅତିଥିଭାବେ ଡ. ପଟ୍ଟନାୟକ ଯୋଗଦେଇ କର୍ମୀଙ୍କୁ ଏକଜୁଟ କରାଇ ଦଳର ସାଂଗଠନିକ ବିକାଶକୁ ଗୁରୁତ୍ୱ ଦେବା ସହିତ ଏକମନରେ ଲଢିବା ପାଇଁ ଆହ୍ୱାନ ଜଣାଇଥିଲେ।

ବାଙ୍କୀ ଦୀର୍ଘବର୍ଷ ହେବ କଳା ଶାସନରେ ଶୋଷିତ ହେଉଥିବା ବେଳେ ଜନସାଧାରଣଙ୍କୁ ସଚେତନ କରାଇ ବାଙ୍କୀର ଉନ୍ନତି ପାଇଁ ଆଗେଇ ଆସିବାକୁ ଅନୁରୋଧ କରିଥିଲେ। ଆସନ୍ତା ୨୦୧୯ ସାଧାରଣ ନିର୍ବାଚନରେ ବାଙ୍କୀ ରାଜନୀତି କ୍ଷେତ୍ରରେ କଂଗ୍ରେସ କ୍ଷମତା ଦଖଲ କରିବ ବୋଲି କର୍ମୀମାନେ ଆଶାବାଦୀ ଥିବା ଦେଖାଯାଇଥିଲା। କାର୍ଯ୍ୟକ୍ରମରେ ନୂଆକରି ଦଳରେ ଯୋଗଦେଇଥିବା ଦେବୀପ୍ରସାଦ ମହାନ୍ତି ଅନ୍ୟତମ ଅତିଥିଭାବେ ଯୋଗଦେଇ ଓଡ଼ିଶା ଏବଂ ବାଙ୍କୀରେ କଂଗ୍ରେସକୁ କ୍ଷମତାକୁ ଆଣିବାକୁ ନିଜର ଶକ୍ତି ସାମର୍ଥ୍ୟ ଜୁଟାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଏକ ମିଶ୍ରଣ ଅନୁଷ୍ଠିତ ହୋଇଥିଲା। ଭାଜପା କାର୍ଯ୍ୟକର୍ତ୍ତା ସନ୍ତୋଷ କୁମାର ସାହୁ ଦଳ ଛାଡ଼ି ନିଜ ସମର୍ଥକଙ୍କ ସହିତ କଂଗ୍ରେସରେ ସାମିଲ ହୋଇଥିଲେ।

## ଅତିରିକ୍ତ ତହସିଲଦାରଙ୍କ ଯୋଗଦାନ

ନରସିଂହପୁର,୩।୩(ସ୍ୱ.ପ୍ର.)

ନରସିଂହପୁର ତହସିଲ କାର୍ଯ୍ୟାଳୟରେ ନୂତନ ଅତିରିକ୍ତ ତହସିଲଦାରଭାବେ ଆକାଶ ରଞ୍ଜନ ସାହୁ ଯୋଗ ଦେଇଛନ୍ତି। ତହସିଲଦାର ରାଜକିଶୋର ଜେନାଙ୍କ ଉପସ୍ଥିତିରେ ସେ ଦାୟିତ୍ୱ ବହନ କରିଛନ୍ତି। ପୂର୍ବରୁ ଏଠାରେ କାର୍ଯ୍ୟରତ ଥିବା ଅତିରିକ୍ତ ତହସିଲଦାର ଅଜିତ୍ ପ୍ରସାଦ ସାହୁଙ୍କ ମହାକାଳପଡ଼ା ତହସିଲକୁ ବଦଳି ହୋଇଛି। ସାହୁ ଦାୟିତ୍ୱ ନେବା ପରେ ତଙ୍କୁ ତହସିଲ ପକ୍ଷରୁ ସ୍ୱାଗତ କରାଯାଇଛି।

## ଶାସ୍ ସଂଗଠନର ରୌପ୍ୟଜୟନ୍ତୀ ଉତ୍ସବ

ନେମାଳ,୩।୩(ଡି.ଏନ.ଏ.)

ନେମାଳ ଶାସ୍ ସ୍ୱେଚ୍ଛାସେବୀ ସଂଗଠନର ରୌପ୍ୟ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ସଂଗଠନ ପ୍ରତିଷ୍ଠାତା ସଭାପତି ବିନୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟ ରାଜଭାଷା ବିକାଶ ପରିଷଦ ଅଧକ୍ଷ ଡ. ନାରାୟଣ ମୁଦୁଲି ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଜନମଙ୍ଗଳ ସଭାପତି ତଥା ପରିବେଶବିତ ପ୍ରମୋଦ କୁମାର ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କଳିଙ୍ଗରନ୍ ବ୍ରହ୍ମାନନ୍ଦ ମହାନ୍ତି, ବିଶିଷ୍ଟ ଅତିଥି ସିନେ କଳାକାର ପଞ୍ଚାନନ ପାଣିଗ୍ରାହୀ, ମୁଖ୍ୟବକ୍ତା ସମାଜର ସହସମ୍ପାଦକ ସୁଧୀରେନ୍ଦ୍ର ପରିଜା, ସମ୍ମାନିତ ଅତିଥି ସାମାଜିକ କର୍ମୀ ପ୍ରସନ୍ନ ପ୍ରତିହାରୀ, କୃଷ୍ଣଚନ୍ଦ୍ର ନାୟକ, ନେମାଳ କଲେଜ ପ୍ରାକ୍ତନଅଧକ୍ଷ ଡ. ଦିଲୀପ ଦେ, ପ୍ରାକ୍ତନ ପ୍ରଧାନଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଦାସ, ଆଇନଜୀବୀ ଅମରେନ୍ଦ୍ର ନାରାୟଣ ଦାସ, ଶିକ୍ଷାବିତ କ୍ଷୀରୋଦ ଷଡ଼ଙ୍ଗୀ ଓ ପ୍ରଦୀପ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଦେଶ ମାତୃକା ପାଇଁ ଶହୀଦ ହୋଇଥିବା ବୀର ସୈନିକଙ୍କ ଉଦ୍ଦେଶ୍ୟରେ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅଧ୍ୟାପକ ବିପିନ ବିହାରୀ ଦାସ, ଖବରଦାତା କ୍ଷମାନିଧି ପୂଝାରୀଙ୍କ ସମେତ ୧୭ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଇଜାଜ୍ ଖାନ୍ ଧନ୍ୟବାଦ ଦେଇଥିଲେ।



ରୌପ୍ୟଜୟନ୍ତୀ ସମାରୋହରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

## ଏସ୍‌ସିବି ମେଡିକାଲ ଛାତ୍ର ସଂସଦର ବାର୍ଷିକ ଉତ୍ସବ

କଟକ ଅଫିସ, ୩।୩

ରୋଗୀଙ୍କୁ ରୋଗରୁ ଆରୋଗ୍ୟ କରିବା ପାଇଁ ୩ଟି ଏମ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଗୋଟିଏ ଏମ୍ ହେଲା ମ୍ୟୁଜିକ, ଦ୍ୱିତୀୟଟି ହେଲା ମେଡିଟେଶନ ଓ ତୃତୀୟଟି ହେଲା ମେଡିସିନ। ଏସ୍‌ସିବି ମେଡିକାଲ କଲେଜ ଛାତ୍ର ସଂସଦ ବାର୍ଷିକ ଉତ୍ସବ 'ମହ୍ଲାର'ରେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହିକଥା କହିଛନ୍ତି। ରବିବାର ଏସ୍‌ସିବି ଖେଳ ପଡ଼ିଆରେ ଆୟୋଜିତ ଏହି ଉତ୍ସବରେ ମେଡିକାଲ କଲେଜ ପ୍ରିନ୍ସିପାଲ ପ୍ରଫେସର ଡା. ଜୟଶ୍ରୀ ମହାନ୍ତି ଓ ଅଧୀକ୍ଷକ ପ୍ରଫେସର ସିବିକେ ମହାନ୍ତି ପ୍ରମୁଖ ଯୋଗଦେଇ ମେଡିକାଲ ଛାତ୍ରୀଛାତ୍ରମାନଙ୍କୁ ଧ୍ୟାନ, ଅଧ୍ୟବସାୟ ବଳରେ ଜଣେ ଭଲ ଡାକ୍ତର ହୋଇ ସମାଜରେ ନାଁ କମାଇବାକୁ ପରାମର୍ଶ ଦେଇଥିଲେ। ଛାତ୍ର ସଂସଦ ଉପଦେଷ୍ଟା ପ୍ରଫେସର ବନବିହାରୀ ମିଶ୍ର ସ୍ୱାଗତ ଭାଷଣ, ଛାତ୍ର ସଂସଦ ସଭାପତି ଦୀପକ କୁମାର ସାମଲ ଅତିଥି ପରିଚୟ ପ୍ରଦାନ ଓ ସାଧାରଣ ସମ୍ପାଦକ ପ୍ରତ୍ୟୁଷ କୁମାର ସେନାପତି ଧନ୍ୟବାଦ ଦେଇଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୋମବାର ସନ୍ଧ୍ୟାରେ ଏହି ଅବସରରେ ଓଲିଉଡ ନାଇଟ୍‌ର ଆୟୋଜନ କରାଯାଇଥିବା ସଭାପତି ସାମଲ ସୂଚନା ଦେଇଛନ୍ତି।

## କେନାଲ ବନ୍ଧ ତାଡ଼ି ରାସ୍ତା ନିର୍ମାଣ କଲେ ଠିକାଦାର

ମାହାଙ୍ଗା,୩।୩(ଡି.ଏନ.ଏ.)



ଜେସିବି ଦ୍ୱାରା କେନାଲ ବନ୍ଧ ଖୋଳାଯାଉଛି।

ମାହାଙ୍ଗା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କାହ୍ନପୁର-ଚାହାପଡା ରାସ୍ତାକାର୍ଯ୍ୟ କରାଯାଉଛି। ୩ କି.ମି. ଦୈର୍ଘ୍ୟ ବିଶିଷ୍ଟ ଏହି ରାସ୍ତାର ନବୀକରଣ ପାଇଁ ଆରଡି ବିଭାଗ ପକ୍ଷରୁ ୧ କୋଟି ୪୯ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। କେନ୍ଦ୍ରାପଡା ଜିଲାର ଜନୈକ ଠିକାଦାରଙ୍କୁ ଏହାର କାର୍ଯ୍ୟାଦେଶ ମିଳିଲାପରେ ସମ୍ପୃକ୍ତ ଠିକାସଂସ୍ଥା କାମ ଆରମ୍ଭ କରିଛି। ତେବେ ରାସ୍ତା ନିର୍ମାଣରେ ବହୁ ଅନିୟମିତତା ହେଉଥିବା ସାଧାରଣରେ ଅଭିଯୋଗ ହୋଇଛି। ଏବେ ଠିକାଦାର ଉକ୍ତ ରାସ୍ତାର କିଛି ଅଂଶ ଢଳେଇ କାର୍ଯ୍ୟ କରିଥିଲାବେଳେ ଅବଶିଷ୍ଟ ରାସ୍ତାରେ ମେଟାଲିଂ କାର୍ଯ୍ୟ କରୁଛନ୍ତି। ଠିକାଦାରଙ୍କ ବେପରୁଆ ମନୋଭାବ ଓ ବିଭାଗୀୟ ଯନ୍ତ୍ରୀଙ୍କ ଦୁରଦୃଷ୍ଟି ଅଭାବରୁ ଉକ୍ତ ରାସ୍ତାର କାହ୍ନପୁରଠାରୁ ଗଙ୍ଗପୁରା ଗ୍ରାମ ପର୍ଯ୍ୟନ୍ତ ରାସ୍ତା ପ୍ରସସ୍ତୀକରଣ ଆଳରେ କେନାଲ ବନ୍ଧକୁ ଜେସିବି ମେସିନ ଦ୍ୱାରା ଖୋଳାଯାଉଛି। ଫଳରେ ଅସରାଏ ବର୍ଷାରେ ରାସ୍ତାରୁ ମାଟି ଧୋଇହୋଇ ପୁଣି କେନାଲ ପୋତି ହୋଇଯିବା ଆଶଙ୍କା ସୃଷ୍ଟି କରିଛି। କେନାଲ ବନ୍ଧ ଦୁର୍ବଳ ହେବାସହ ଅଣଓସାରିଆ ହୋଇ ଜଳସେଚନ ସମୟରେ ବନ୍ଧ ଭାଙ୍ଗିବା ଓ ଆବଶ୍ୟକ ପରିମାଣରେ ଜଳ ନ ଆସିବା ଆଶଙ୍କାରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି।

ଏହି ରାସ୍ତାର ପୂର୍ବରୁ ଢଳେଇ ଓ ପିଚୁକାର୍ଯ୍ୟ କରା ଯାଇଥିଲା। ବର୍ତ୍ତମାନର ଠିକାଦାରଙ୍କ ପକ୍ଷରୁ ପୁରୁଣା ଢଳାଇ ରାସ୍ତା ଉପରେ ନୂଆଢଳାଇ ପକାଯାଉଛି। ଯାହାକି ରାସ୍ତାର ସ୍ଥାୟିତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ତେବେ ଅବଶିଷ୍ଟ ପିଚୁରାସ୍ତାର ବ୍ୟବହୃତ ପୁରୁଣା ମେଟାଲ ଉପରେ ନୂଆ ମେଟାଲ ପକାଇ ରୋଲିଂ କରିଥିବା ଅଭିଯୋଗ ହେଉଛି। ଏପରିକି ରାସ୍ତା ନିର୍ମାଣ ପୂର୍ବରୁ ସୂଚନା ଫଳକ ମରାଯିବା ନିୟମ ଥିଲାବେଳେ ଏଯାବତ ସୂଚନା ଫଳକ ମରା ଯାଇନାହିଁ। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ କୃପାସିନ୍ଧୁ ଧଳଙ୍କୁ ପଚାରିବାରୁ ନିର୍ମାଣ କାର୍ଯ୍ୟର ଗୁଣବତ୍ତା ବଜାୟ ରଖିବାପାଇଁ ମୁଁ ତାଗିଦ କରିବାରୁ ମୋ ନାଁରେ ଠିକାଦାର ସଂସ୍ଥା ପକ୍ଷରୁ ମିଥ୍ୟା ଏତାଲା ଦିଆଯାଇଛି ବୋଲି କହିଛନ୍ତି। ଠିକାଦାରଙ୍କ ଏପରି ବେଆଇନ କାର୍ଯ୍ୟ ପ୍ରତି ଜଳସମ୍ପଦ ବିଭାଗ ସଚିବ ଓ ଜିଲାପାଳ ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।



ବଳ ପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।

- ଆଇନଷ୍ଟାଇନ



## ସଂକ୍ଷେପରେ

### ସମରସତା ଖେଚେଡ଼ି ସମାରୋହ

**କଟକ ଅଫିସ, ୩।୩:** କଟକ ଚୌଧୁରୀବଜାରସ୍ଥିତ ମାରୁତି ମଣ୍ଡପରେ ରବିବାର ଭାଜପା ପକ୍ଷରୁ ସମରସତା ଖେଚେଡ଼ି ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଳୀୟ ନେତା ବିଶ୍ୱଜିତ ମହାନ୍ତି ଯୋଗଦେଇ କଟକ ଏକ ଭାଇଚାରାର ସହର। ରାଜ୍ୟ ସରକାର ଭୁବନେଶ୍ୱରକୁ ନିଜ ପ୍ରଥମ ସନ୍ତାନ ଭାବିଲେ, ହଜାର ବର୍ଷର ସହର କଟକକୁ ପାଳିତ ସନ୍ତାନ ଭଳି ବ୍ୟବହାର ଦେଖାଉଛନ୍ତି ବୋଲି ମହାନ୍ତି କହିଥିଲେ।

### ଠକେଇ: ଅଭିଯୁକ୍ତ ଗିରଫ

**କଟକ ଅଫିସ,୩।୩:** କଟକସ୍ଥିତ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ରକୁ ଆସୁଥିବା ରୋଗୀଙ୍କୁ ଠକିବା ଅଭିଯୋଗରେ ମଙ୍ଗଳାବାଗ ପୋଲିସ ଲକ୍ଷ୍ମଣ ପଣ୍ଡା ନାମକ ଜଣେ ଅଭିଯୁକ୍ତଙ୍କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ଘର ଗଞ୍ଜାମ ଜିଲା ପାଦଗଡା ଅଞ୍ଚଳରେ ହୋଇଥିବାବେଳେ ସେ ମଙ୍ଗଳାବାଗ ଅଞ୍ଚଳରେ ଘର ଭଡା ନେଇ ରହୁଥିଲେ। ପୋଲିସ ସୂଚନା ଅନୁଯାୟୀ, ଉକ୍ତ କେନ୍ଦ୍ରକୁ ଆସୁଥିବା ରୋଗୀମାନଙ୍କର ବିଭିନ୍ନ ପରୀକ୍ଷା କମ୍ ଖର୍ଚ୍ଚରେ କରାଇଦେବାକୁ କହି ସେମାନଙ୍କୁ ଲକ୍ଷ୍ମଣ ଠକୁଥିଲେ। ବିଭିନ୍ନ ଘରୋଇ ପାଥୋଲୋଜି ସହ ଯୋଗାଯୋଗ କରି ସେମାନଙ୍କଠାରୁ ରୋଗୀ ପିଛା ଟଙ୍କା ଆଣୁଥିଲେ। ଏ ସମ୍ପର୍କରେ ହସ୍ପିଟାଲ କର୍ତ୍ତୃପକ୍ଷ ଜାଣି ରବିବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୪୯/୧୯) ରୁଜୁ କରିଥିଲା।

### ଚୋରି ଟ୍ରକ୍ ଜବତ

**ଚୌଦ୍ୱାର, ୩।୩ (ଡି.ଏନ୍.ଏ.):** ଚୌଦ୍ୱାର ଥାନା ଅଧୀନ କଜଳଖଣା ବଜାରସ୍ଥିତ ଏକ ଢାବା ସମ୍ମୁଖରୁ ଚୋରି ହୋଇଥିବା ଟ୍ରକ୍‌କୁ ରବିବାର କଟକ-ଭୁବନେଶ୍ୱର ରାସ୍ତାର ହଂସପାଳ ଛକରୁ ଜବତ କରାଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ, ସବୁଦିନ ଭଳି ଶୁକ୍ରବାର ରାତିରେ ଉକ୍ତ ଢାବା ସମ୍ମୁଖରେ ଟ୍ରକ୍ (ନଂ. ଓଆର୦୯ଜି-୪୨୭୨)କୁ ରଖି ଚାଳକ ଘରକୁ ଯାଇଥିଲେ। ହେଲେ ଏହା ପରଦିନ ଟ୍ରକ୍ ଚୋରି ହୋଇଯାଇଥିବା ଜଣାପଡିଥିଲା। ଏ ନେଇ ଟ୍ରକ ମାଲିକ ଜଗତ୍‌ପୁର ଥାନା ଅଧୀନ ଗୁଜ୍ଜରପୁର ଗ୍ରାମର ସୁରେଶ ଚନ୍ଦ୍ର ବେହେରା ଚୌଦ୍ୱାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୬୮/୧୯) ରୁଜୁ କରିଥିଲା। ପରେ ଟିପିଏମ୍ ଫାଣ୍ଡି ଅଧିକାରୀ ନୃଶିଂହ ଚରଣ ସ୍ୱାଇଁ ତଦନ୍ତ କରି ହଂସପାଳ ଛକରୁ ଉକ୍ତ ଟ୍ରକ୍‌କୁ ଜବତ କରିଥିଲେ।

### ଜୀବନବିନ୍ଦୁ କାର୍ଯ୍ୟକ୍ରମ

**କଟକ ଅଫିସ, ୩।୩:** ସିଏମ୍‌ସି ୨୪ ନଂ. ୱାର୍ଡ ବିଜୁ ଯୁବ ବାହିନୀ ପକ୍ଷରୁ ରବିବାର ସ୍ଥାନୀୟ ଏକ ହୋଟେଲରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଟକ ସିଟି ସଂଯୋଜକ ରଞ୍ଜନ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଅନୁଷ୍ଠିତ ଶିବିରରେ ୧୦୩ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଅଭିନେତା ଅରିନ୍ଦମ ରଏ, ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ, ଛାତ୍ରନେତା ଦେବୀରଞ୍ଜନ ତ୍ରିପାଠୀ, ଯୁବନେତା ଜ୍ଞାନେନ୍ଦ୍ର ଗିରିଗୋସ୍ୱାମୀ ପ୍ରମୁଖ ଯୋଗ ଦେଇଥିଲେ। ୨୪ ନଂ. ୱାର୍ଡ ବିଜୁ ଯୁବ ବାହିନୀର ସଭାପତି ପ୍ରସନଜିତ ସ୍ୱାଇଁ, ସମ୍ପାଦକ ରାହୁଲ ସେନାପତି, କୋଷାଧ୍ୟକ୍ଷ ମନୋରଞ୍ଜନ ଦାସ, କାବୁଲି ମୂଳିଆ, ଅଜୟ କୁମାର ମୂଳିଆ, ପଙ୍କଜ ଖଟେଇଙ୍କ ସମେତ ଯୁବ ବାହିନୀର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବେଣ୍ଟକାରରେ ସୈନିକ ସମ୍ମାନ ସମାରୋହ

**କଟକ ସଦର, ୩।୩ (ଡି.ଏନ୍.ଏ.):** ୪୨ ମୌଜା ଭାଜପା ମଣ୍ଡଳ ପକ୍ଷରୁ ରବିବାର ସୈନିକ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଭାଜପା ନେତା ଦିଲୀପ ମଲ୍ଲିକ ଓ ମଣ୍ଡଳ ସଭାପତି ପୀୟୂଷ ରଞ୍ଜନ ପରିଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ସମାରୋହରେ ୧୧ ଜଣଙ୍କୁ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ ମେଜର ବି.ବି. ସାହୁ, ମଙ୍ଗରାଜ ବେହେରା, ମନୋଜ କୁମାର ମହାନ୍ତି, ସନ୍ତୋଷ କୁମାର ଦେବତା, ଜ୍ଞାନଚନ୍ଦ୍ର ପରିଡା, କ୍ଷୀରୋଦ କୁମାର ପରିଡା, ଗୁଲଜାର ଖାନ୍, ବି.ଏନ୍. ମୁଦୁଲି, ନାରାୟଣ ମହାପାତ୍ର, ଆଦିତ୍ୟ କୁମାର ନାୟକ, ଏସ୍.କେ. ମହାନ୍ତି। ଦଳୀୟ କର୍ମୀ ବିପିନ ପଣ୍ଡା, ସରୋଜ ସାସମଲ, ବିଶ୍ୱଜିତ୍ ଭୋଳ ଓ କରୁଣାକର ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ■ ଖାକିବାବୁଙ୍କ ଲାଞ୍ଚ କାରବାରର ନୂଆ ତରିକା

# ପକେଟ ଗରମ ପାଇଁ ଥାନାରେ ଦଲାଲ ପୋଷା

**ଭୁବନେଶ୍ୱର,୩।୩ (ବ୍ୟୁରୋ)**

ଥାନାରେ ଚାଲିଛି ବେଧଡ଼କ ଲାଞ୍ଚ କାରବାର। ବିନା ଲାଞ୍ଚରେ ମିଳୁନି ନ୍ୟାୟ। ଲାଞ୍ଚ ଦେଲେ ବଦଳି ଯାଉଛି ମାମଲା। ଇତିମଧ୍ୟରେ ଲାଞ୍ଚ ନେଇ ବହୁ ପୋଲିସ ଅଧିକାରୀ ଓ କର୍ମଚାରୀ ଭିଜିଲାନ୍ସ ହାତରେ ଧରାପଡି ଜେଲ୍ ଯାଇଛନ୍ତି। ତେଣୁ ଭିଜିଲାନ୍ସ ଭୟରେ ଖାକିବାବୁମାନେ ନୂଆ ତରିକା ଆପଣାଇଛନ୍ତି। ପକେଟ ଗରମ ପାଇଁ ଦଲାଲଙ୍କୁ ମାଧ୍ୟମ କରିଛନ୍ତି। କମିଶନରେଟ ପୋଲିସ ଇଲାକାରେ ଥିବା ଅଧିକାଂଶ ଥାନାରେ ଏବେ ଏହି ଦଲାଲଙ୍କ ରାଜ୍ ଚାଲିଥିବା ଦେଖିବାକୁ ମିଳୁଛି। ବିଶେଷକରି ରାଜନେତାଙ୍କ ଛତ୍ରଛାୟା ତଳେ ରହି ଏହି ଦଲାଲମାନେ ପୂରା ଥାନାକୁ ନିୟନ୍ତ୍ରଣ କରୁଥିବା ଜଣାପଡିଛି। ଥାନାଧିକାରୀ-ଦଲାଲଙ୍କ ମଧୁଚନ୍ଦ୍ରିକା ବଢୁଥିବାବେଳେ ପୋଲିସ ଉପରେ ଲୋକଙ୍କ ଭରସା ତୁଟିବାରେ ଲାଗିଛି।

ମିଳିଥିବା ସୂଚନାନୁସାରେ, ପ୍ରତି ଥାନାରେ ଏବେ ନିର୍ଦ୍ଦିଷ୍ଟ କେତେଜଣ ଦଲାଲ ଆଡ୍ଡା ଜମାଇଛନ୍ତି। ପୂର୍ବରୁ ପୋଲିସ ଦଲାଲଙ୍କୁ ସେମାନଙ୍କ ଖବରି ଭାବେ ବ୍ୟବହାର କରୁଥିଲାବେଳେ ଏବେ ପକେଟ ଗରମ ପାଇଁ ମାଧ୍ୟମ କରୁଛନ୍ତି। ଅଭିଯୋଗ କପି ଗ୍ରହଣ କରିବାଠୁ ଆରମ୍ଭ କରି ସମାଧାନ ପର୍ଯ୍ୟନ୍ତ ଏମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ଆବଶ୍ୟକ ଅର୍ଥ ନ ମିଳିଲେ ଖାକି ପାୱାରର ଅପବ୍ୟବହାର କରାଯାଇ ଭିନ୍ନ ସ୍ଥିତି ସୃଷ୍ଟି କରାଯାଉଛି। ଅଭିଯୋଗକାରୀ ନ୍ୟାୟ ପାଇବା ଆଶାରେ ହାତଗୁଞ୍ଜା ଦେବାକୁ ବାଧ୍ୟ ହେଉଛି। ଅନ୍ୟପକ୍ଷରେ ଅଭିଯୁକ୍ତ ନିଜର ସୁରକ୍ଷା ପାଇଁ ଦଲାଲ ମାଧ୍ୟମରେ ପୁଳା ପୁଳା ଟଙ୍କା ଦେଉଛନ୍ତି। ଅଧିକାରୀମାନେ କାହାଠୁ ଓ କିପରି ଟଙ୍କା ଆଣିବେ ଦଲାଲମାନେ ହିଁ ସ୍ଥିର କରୁଛନ୍ତି। ଏହି ଦଲାଲମାନେ ସକାଳୁ ରାତି ପର୍ଯ୍ୟନ୍ତ ଥାନାରେ ପଡି ରହୁଛନ୍ତି। ଥାନାକୁ ଯଦି କୌଣସି ବ୍ୟକ୍ତି ଅଭିଯୋଗ କରିବାକୁ ଆସୁଛନ୍ତି ସେମାନଙ୍କୁ ଏହି ଦଲାଲମାନେ କବ୍‌ଜା କରିଥାନ୍ତି। ଦଲାଲଙ୍କ ଇସାରା ପରେ ଡିସିଓ ଅଭିଯୋଗକାରୀଙ୍କ ସହ ସେହିଭଳି କଥା ହୋଇ ଭୟ ଓ ଭରସା ଦେଇଥାନ୍ତି। ପରେ ଦଲାଲ ଜଣକ ଥାନା ବାହାରକୁ ଅଭିଯୋଗକାରୀଙ୍କୁ ଡାକି ନେଇଯାଇ ଅର୍ଥ ପାଇଁ ମୂଲଚାଲ କରିଥାନ୍ତି। ଟଙ୍କା ପାଇବା ପରେ ଦଲାଲ କିଛି ନିଜେ ରଖିବା ସହ ଆଉ କିଛି ଡିସିଓ ଓ ଥାନାର ଅନ୍ୟ କର୍ମଚାରୀଙ୍କୁ ଦେଇଥାନ୍ତି। ବଡ଼ ବଡ଼ ମାମଲାରେ ଏହି ଦଲାଲଙ୍କ ମାଧ୍ୟମରେ ଥାନାଧିକାରୀ ଲକ୍ଷ ଲକ୍ଷ ଟଙ୍କା ନେଇଥାନ୍ତି। ଲାଞ୍ଚ ଟଙ୍କାରେ ଥାନାର ଭିତର ଘରେ ଭୋଜି ଭାତ ଓ ମଦ ମାଂସ ଚାଲୁଛି। କେତେକ ଥାନାରେ ନିର୍ଦ୍ଦିଷ୍ଟ କେତେଜଣ ଅଧିକାରୀ ଏହି ଦଲାଲଙ୍କୁ ବିରୋଧ କରୁଥିଲେ ମଧ୍ୟ ନେତା ଓ ପ୍ରଭାବଶାଳୀ ଗୋଷ୍ଠୀଙ୍କ ଚାପରେ ନିଜକୁ ସେଭଳି ପରିସ୍ଥିତିରେ ଖାପଖୁଆଇବାକୁ ବାଧ୍ୟ ହେଉଛନ୍ତି। ସହରର ମଞ୍ଚେଶ୍ୱର, ଶହୀଦନଗର, ନୟାପଲ୍ଲୀ, ଖଣ୍ଡଗିରି, ଖାରବେଳନଗର, କ୍ୟାପିଟାଲ, ଚନ୍ଦ୍ରଶେଖରପୁର ଥାନାରେ ଦଲାଲଙ୍କ ପ୍ରାଦୁର୍ଭାବ ସର୍ବାଧିକ ଦେଖିବାକୁ ମିଳୁଛି। ନିକଟରେ ଜମିବାଡି ଗଣ୍ଡଗୋଳକୁ ନେଇ ଜଣେ ବୃଦ୍ଧ ଖଣ୍ଡଗିରି ଥାନାକୁ ଆସି ଜଣେ ଦଲାଲଙ୍କ ହାବୁଡରେ ପଡ଼ିଯାଇଥିଲେ। ଦଲାଲ ଜଣକ ତାଙ୍କଠାରୁ ଟଙ୍କା ହଡପ କରିଥିବା ବୃଦ୍ଧ ଜଣକ ଅଭିଯୋଗ କରିଛନ୍ତି। ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି, ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଏଭଳି ଘଟଣା ମୋ ନଜରକୁ ପ୍ରଥମ ଥର ଆସିଲା। ମୁଁ ଏହାକୁ ବନ୍ଦ କରିବା ପାଇଁ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବି। ଯଦି କୌଣସି କ୍ଷେତ୍ରରେ ଦଲାଲଙ୍କ ହସ୍ତକ୍ଷେପ ରହୁଥିବା ଜଣାପଡିବ ନିଶ୍ଚିତ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

- ■ରାଜ୍ କରୁଛନ୍ତି ରାଜନୈତିକ ଦଲାଲ
- ■ବିନା ଅର୍ଥରେ ଲୋକଙ୍କୁ ମିଳୁନି ନ୍ୟାୟ
- ■ପଦକ୍ଷେପ ନେବାକୁ କହିଲେ ପୋଲିସ କମିଶନର

## ରେଭେନ୍‌ଶା ବାଣିଜ୍ୟ ଆଲୁମ୍‌ନି ସଂଘର ବାର୍ଷିକ ସମ୍ମିଳନୀ

# କୃତ୍ରିମ ଗୁଣବତ୍ତା କବ୍‌ଜାରେ ମଣିଷ ନ ପଡୁ




ସମ୍ମିଳନୀକୁ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ଦୀପକ ମିଶ୍ର ଉଦ୍‌ଘାଟନ କରୁଛନ୍ତି ।

**କଟକ ଅଫିସ,୩।୩**

ରେଭେନ୍‌ଶା ବାଣିଜ୍ୟ ଆଲୁମ୍‌ନି ସଂଘର ଦ୍ୱିତୀୟ ବାର୍ଷିକ ସମ୍ମିଳନୀ ରବିବାର ସନ୍ଧ୍ୟାରେ ବିଶ୍ୱବିଦ୍ୟାଳୟର ସେଭେନ ପିଲର ଅଫ ୱିଜଡମ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଫେସର ବ୍ରଜରାଜ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ଦୀପକ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ସଫଳତା ପାଇବାକୁ ହେଲେ ସାଧାରଣ ଜୀବନରେ ଅନେକ ଛୋଟ ଘଟଣାକୁ ଗୁରୁତ୍ୱ ଦେବାକୁ ହୁଏ। ଯେପରିକି କୃତ୍ରିମ ଗୁଣବତ୍ତା କବ୍‌ଜାରେ ମଣିଷ ନ ପଡ଼ିବା ଉଚିତ। ମଣିଷ କୌଣସି ଆଶା କବଳରେ ବାନ୍ଧି ନ ହେବାକୁ ସେ ପରାମର୍ଶ ଦେଇଥିଲେ। ଖଡଗପୁର ଆଇଆଇଟିର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଦାମୋଦର ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗଦେଇ ବୈଷୟିକ ଜ୍ଞାନ ବିକାଶ ଦ୍ୱାରା ଆଗାମୀ ଭବିଷ୍ୟତକୁ ସମୀକ୍ଷା କରିଥିଲେ। ଏଥିରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଈଶାନ କୁମାର ପାତ୍ର ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ କମର୍ସର ଡିନ୍ ପ୍ରଫେସର ସଞ୍ଜୟ ଶତପଥୀ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଡିନ୍ ପ୍ରଫେସର ଶତପଥୀଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଏ କ୍ଲଷ୍ଟର ଅଫ ରିଫ୍ଲେକ୍ସନ' ଉନ୍ମୋଚିତ ହୋଇଥିଲା। ଆଗାମୀ ଦିନରେ ରେଭେନ୍‌ଶା ବାଣିଜ୍ୟ ଆଲୁମ୍‌ନି ସଂଘ ପକ୍ଷରୁ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ସମ୍ମିଳନୀ କରାଯିବ ବୋଲି ଘୋଷଣା କରାଯାଇଥିଲା। ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗ ମୁଖ୍ୟ ଡ. ତୁଷାରକାନ୍ତ ପାଣି ଧନ୍ୟବାଦ ଦେଇଥିଲେ।

## ■ ଏସ୍‌ସିବି ମେଡିକାଲ ଛାତ୍ର ସଂସଦର ବାର୍ଷିକ ଉତ୍ସବ

# ସଙ୍ଗୀତ, ଧ୍ୟାନ, ଔଷଧ ଅତ୍ୟାବଶ୍ୟକ



ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ବକ୍ତବ୍ୟ ଦେଉଛନ୍ତି।

**କଟକ ଅଫିସ, ୩।୩**

ରୋଗୀଙ୍କୁ ରୋଗରୁ ଆରୋଗ୍ୟ କରିବା ପାଇଁ ୩ଟି ଏମ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଗୋଟିଏ ଏମ୍ ହେଲା ମ୍ୟୁଜିକ, ଦ୍ୱିତୀୟଟି ହେଲା ମେଡିଟେଶନ ଓ ତୃତୀୟଟି ହେଲା ମେଡିସିନ। ଏସ୍‌ସିବି ମେଡିକାଲ କଲେଜ ଛାତ୍ର ସଂସଦ ବାର୍ଷିକ ଉତ୍ସବ 'ମହ୍ଲାର'ରେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହି କଥା କହିଛନ୍ତି। ରବିବାର ଏସ୍‌ସିବି ଖେଳ ପଡ଼ିଆରେ ଆୟୋଜିତ ଏହି ଉତ୍ସବରେ ମେଡିକାଲ କଲେଜ ପ୍ରିନ୍ସିପାଲ ପ୍ରଫେସର ଡା. ଜୟଶ୍ରୀ ମହାନ୍ତି ଓ ଅଧୀକ୍ଷକ ପ୍ରଫେସର ସିବିକେ ମହାନ୍ତି ପ୍ରମୁଖ ଯୋଗଦେଇ ମେଡିକାଲ ଛାତ୍ରୀଛାତ୍ରମାନଙ୍କୁ ଧ୍ୟାନ, ଅଧ୍ୟବସାୟ ବଳରେ ଜଣେ ଭଲ ଡାକ୍ତର ହୋଇ ସମାଜରେ ନାଁ କମାଇବାକୁ ପରାମର୍ଶ ଦେଇଥିଲେ। ଛାତ୍ର ସଂସଦ ଉପଦେଷ୍ଟା ପ୍ରଫେସର ବନବିହାରୀ ମିଶ୍ର ସ୍ୱାଗତ ଭାଷଣ, ଛାତ୍ର ସଂସଦ ସଭାପତି ଦୀପକ କୁମାର ସାମଲ ଅତିଥି ପରିଚୟ ପ୍ରଦାନ ଓ ସାଧାରଣ ସମ୍ପାଦକ ପ୍ରତ୍ୟୁଷ କୁମାର ସେନାପତି ଧନ୍ୟବାଦ ଦେଇଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୋମବାର ସନ୍ଧ୍ୟାରେ ଏହି ଅବସରରେ ଓଲିଉଡ ନାଇଟ୍‌ର ଆୟୋଜନ କରାଯାଇଥିବା ସଭାପତି ସାମଲ ସୂଚନା ଦେଇଛନ୍ତି।

## ଓଡ଼ିଶା ମିଳିତ ନିର୍ମାଣ ଶ୍ରମିକ ସଙ୍ଗଠନର କନ୍‌ଭେନ୍‌ଶନ

**କଟକ ଅଫିସ, ୩।୩**

ଏଆଇୟୁଟିୟୁସି ସହବନ୍ଧିତ ଓଡ଼ିଶା ମିଳିତ ନିର୍ମାଣ ଶ୍ରମିକ ସଙ୍ଗଠନର କଟକ ମହାନଗର କମିଟି କନ୍‌ଭେନ୍‌ଶନ ରବିବାର ବାଖରାବାଦସ୍ଥିତ ଗାନ୍ଧୀଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ମିଳିତ ନିର୍ମାଣ ଶ୍ରମିକ ସଙ୍ଗଠନ କଟକ ମହାନଗର କମିଟିର ସଭାପତି ପାଭେଲ ପ୍ରିୟଦର୍ଶନ ସଭାପତିତ୍ୱ କରିଥିଲେ। ନିର୍ମାଣ ଶ୍ରମିକମାନଙ୍କୁ ସାମାଜିକ ନିରାପତ୍ତା ଯୋଗାଇଦେବା ପାଇଁ ସରକାରଙ୍କ ପକ୍ଷରୁ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବା କନ୍‌ଭେନଶନରେ ଆଲୋଚନା ହୋଇଥିଲା। ନିର୍ମାଣ ଶ୍ରମିକମାନଙ୍କୁ ସହରାଞ୍ଚଳରେ ପକ୍କା ଘର ଯୋଗାଇଦେବା ପାଇଁ କୌଣସି ବ୍ୟବସ୍ଥା ବର୍ତ୍ତମାନ ପର୍ଯ୍ୟନ୍ତ ସରକାର ଗ୍ରହଣ କରିନାହାନ୍ତି। ସେହିପରି ବିବାହ ସହାୟତା, ଶିକ୍ଷା ସହାୟତା ଅବିଳମ୍ବେ ଦେବାକୁ ଦାବି ହୋଇଛି। ଉକ୍ତ କନଭେନ୍‌ଶନରେ ଏସ୍‌ୟୁସିଆଇ(ସି) କଟକ ଜିଲା ସମ୍ପାଦକ ବିଶ୍ୱାବସୁ ଦାସ, ଏଆଇୟୁଟିୟୁସି କଟକ ଜିଲା କମିଟିର କୋଷାଧ୍ୟକ୍ଷ କମ୍ରେଡ ଖଗେଶ୍ୱର ସେଠୀ, ଓଡିଶା ମିଳିତ ନିର୍ମାଣ ଶ୍ରମିକ ସଙ୍ଗଠନ କଟକ ଜିଲା କମିଟି ସଭାପତି ରାଜକିଶୋର ମଲ୍ଲିକ, ଜିଲା କମିଟି ସଭ୍ୟ ଦୀପକ ଦାସ, ସସ୍ମିତା ମହାନ୍ତି ପ୍ରମୁଖ ବକ୍ତବ୍ୟ ଦେଇଥିଲେ।

## ନବବଧୂଙ୍କୁ ତଣ୍ଟିଚିପି ହତ୍ୟା ଅଭିଯୋଗ

**ଟିଗିରିଆ,୩।୩(ଡି.ଏନ.ଏ.)**

ଟିଗିରିଆ ଥାନା ଅଧୀନ ରଘୁରାମପୁର ଗ୍ରାମରେ ଜଣେ ନବବଧୂଙ୍କୁ ଯୌତୁକ ନିର୍ଯାତନା ଦିଆଯିବା ସହ ତଣ୍ଟିଚିପି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ରବିବାର ନବବଧୂଙ୍କ ବାପା ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗ ପାଇବା ପରେ ଘଟଣାରେ ସମ୍ପୃକ୍ତ ଥିବା ନବବଧୂଙ୍କ ଶାଶୁ ଓ ଶ୍ୱଶୁରଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ନବବଧୂ ୫ ମାସର ଗର୍ଭବତୀ ଥିବା ଜଣାପଡ଼ିଛି।

ସୂଚନା ଅନୁସାରେ, ଥାନା ଅଧୀନ ଶୁଣ୍ଡିପାଳ ଗ୍ରାମର କେଶବ ଚନ୍ଦ୍ର ନାଏକଙ୍କ ଝିଅ ସିଲା ଙ୍କ ରଘୁରାମପୁର ଗ୍ରାମର ଈଶ୍ୱର ନାଏକଙ୍କ ପୁଅ ତପନଙ୍କ ସହ ଗତ ବର୍ଷ ବିବାହ ହୋଇଥିଲା। ବିବାହ ସମୟରେ ବରପକ୍ଷର ଦାବି ଅନୁସାରେ ଯୌତୁକ ଦିଆଯାଇଥିଲା। ବିବାହର ଗୋଟିଏ ମାସ ଠିକ୍‌ଠାକ୍ ଚାଲିବା ପରେ ସିଲାଙ୍କୁ ସ୍ୱାମୀ ଓ ଶାଶୁଘରର ସମସ୍ତ ସଦସ୍ୟ ଆଉ ୫୦ ହଜାର ଟଙ୍କା ସହ ଫ୍ରିଜ ଆଣିବାକୁ କହିଥିଲେ। ଟଙ୍କା ଓ ଫ୍ରିଜ୍ ଆଣିବାରେ ବିଳମ୍ବ ହେବାରୁ ସେମାନେ ସିଲାଙ୍କୁ ନିର୍ଯାତନା ଦେଇ ଆସୁଥିଲେ। ସିଲା ଏ ସମ୍ପର୍କରେ ବାପଘରକୁ ଜଣାଇ ଆସୁଥିଲେ। ଗତ ମାସରେ ମଧ୍ୟ ସିଲାଙ୍କୁ ମାଡ଼ ମରାଯିବାରୁ ସେ ବାପ ଘରକୁ ପଳାଇ ଯାଇଥିଲେ। ପରେ ଗତ ମାସ ୨୨ତାରିଖ ଦିନ ବାପଘର ଲୋକେ ସିଲାଙ୍କୁ ଆଣି ଶାଶୁ ଘରେ ଛାଡ଼ିବା ସହ ଘଟଣାର ସମାଧାନ କରିଥିଲେ। କିନ୍ତୁ ରବିବାର ସକାଳ ପ୍ରାୟ ୭ଟାରେ ସିଲାଙ୍କ ଶ୍ୱଶୁର ତାଙ୍କ ବାପ ଘରକୁ ଫୋନ କରି ଜଣାଇଥିଲେ ଯେ, ତୁମ ଝିଅ ଦେହ ସାଙ୍ଘାତିକ ଖରାପ ହୋଇଛି। ତେଣୁ ତୁରନ୍ତ ଆସି ପହଞ୍ଚ। ଏକଥା ଶୁଣି ସିଲାଙ୍କ ପରିବାର ଲୋକେ ଆସି ଦେଖିବାବେଳେକୁ ସିଲାଙ୍କ ମୃତଦେହ ଖଟ ଉପରେ ପଡ଼ିଥିଲା। ତାଙ୍କ ବେକରେ ମୋଟା ଓ ଗଭୀର କଳାଦାଗ ରହିଥିଲା। ତେଣୁ ସିଲାଙ୍କୁ ଶନିବାର ରାତିରେ ଶାଶୁଘର ଲୋକେ ମାରଧର କରିବା ସହ ତଣ୍ଟିଚିପି ହତ୍ୟା କରିଥିବା ତାଙ୍କ ବାପା ଅଭିଯୋଗ କରିଥିଲେ। ପୋଲିସ ସିଲାଙ୍କ ଶାଶୁ ବାସନ୍ତୀ ଓ ଶ୍ୱଶୁର ଈଶ୍ୱରଙ୍କୁ ଥାନାକୁ ଆଣି ଅଟକ ରଖିଛି। ଏ ନେଇ ଏକ ମାମଲା ନଂ-୨୫/୧୯ ରୁଜୁ ହୋଇଛି।

## ଇପ୍‌ସାର ମହାବିଦ୍ୟାଳୟର ରୌପ୍ୟଜୟନ୍ତୀ

**କଟକ ଅଫିସ, ୩।୩**

ସିଡିଏସ୍ଥିତ ଇପ୍‌ସାର ମହାବିଦ୍ୟାଳୟରେ ରବିବାର ରୌପ୍ୟ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହାକୁ କଲେଜର ନିର୍ଦ୍ଦେଶକ ଡା. ଜିତେନ୍ଦ୍ର କୁମାର ମିଶ୍ର ଉଦ୍‌ଘାଟନ କରି କଲେଜ ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ ଭାଇସ୍ ଚାନ୍ସେଲର ଡା. କୁମରବର ଦାସ ଯୋଗଦେଇ କହିଥିଲେ, ଶିକ୍ଷାର ଉନ୍ନତି ନିମନ୍ତେ ସମସ୍ତଙ୍କର ସହଭାଗିତାର ଆବଶ୍ୟକତା ରହିଛି। ଏଥିରେ ସମ୍ମାନିତ ଅତିଥି ଭାବେ ବିଷ୍ଣୁପଦ ମହାଲିକ ଓ ଡା. ଏସ୍.ପି. ମହାପାତ୍ର ଯୋଗଦେଇଥିଲେ । ଏଥିରେ ଅଧ୍ୟକ୍ଷ ଡା. ଅଶୋକ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ ଓ ରାଜକୁମାର ମିଶ୍ର ବିବରଣୀ ପାଠ କରିଥିଲେ । ଏହି ଅବସରରେ ୧୦ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ରାଧାନାଥ ଛାତ୍ରବୃତ୍ତି ପ୍ରଦାନ କରାଯିବା ସହ କଲେଜର ନୂତନ ଲୋଗୋ ଉନ୍ମୋଚିତ ହୋଇଥିଲା। ଏହି ଲୋଗୋ ପ୍ରସ୍ତୁତ କରିଥିବା ଏମ୍‌ବିଏ ବିଭାଗର ଶେଷ ବର୍ଷର ଛାତ୍ରୀ କେ. ଗୀତାଙ୍କୁ ଦଶହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ରାଜ୍ୟସ୍ତରୀୟ ସଂକଳନ 'ଗଳ୍ପଗାଳ୍ପିକ' ଉନ୍ମୋଚିତ

**କଟକ ଅଫିସ, ୩।୩**

ରାଜ୍ୟର ଅଗ୍ରଣୀ ସାହିତ୍ୟାନୁଷ୍ଠାନ 'କଳ୍ପନା ସାହିତ୍ୟ, ସାଂସ୍କୃତିକ ଓ ସାମାଜିକ ପରିଷଦ'ର ରାଜ୍ୟସ୍ତରୀୟ ସଂକଳନ 'ଗଳ୍ପଗାଳ୍ପିକ'ର ଉନ୍ମୋଚନ ଓ ସମ୍ବର୍ଦ୍ଧନା ସମାରୋହ ରବିବାର କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ପ୍ରାଧ୍ୟାପକ ଉମାଶଙ୍କର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ କଂଗ୍ରେସ ନେତା ସନ୍ତୋଷ କୁମାର ମହାନ୍ତି, ମୁଖ୍ୟବକ୍ତା ଡା. କୃପାସିନ୍ଧୁ ପଣ୍ଡା, ବରେଣ୍ୟ ଅତିଥି ଭାବେ ମନୋଜ ମଞ୍ଜରୀ ଦେଓ, ପ୍ରାଧ୍ୟାପିକା ବିଦ୍ୟୁତ୍ କୁମାରୀ ଲାଲା, ଅଧ୍ୟାପକ ଚନ୍ଦ୍ରଶେଖର ମହାନ୍ତି, ସହକାରୀ ପ୍ରଫେସର ଡ. ନରେନ୍ଦ୍ର ନାଥ ନାୟକ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଇଂ. ବିଚିତ୍ରାନନ୍ଦ ମୁନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟ ଲେଖକ ଡ. ମହେଶ୍ୱର ମହାନ୍ତି, ଶୈଳବାଳା ମହିଳା ମହାବିଦ୍ୟାଳୟର ଅଧ୍ୟାପକ ଡ. ଚିତ୍ତରଞ୍ଜନ ପଣ୍ଡା, ଖବରଦାତା ଡ. ସତ୍ୟ ରାୟ, ଏସ୍‌ସିବି ମେଡ଼ିକାଲର ପ୍ରଫେସର ଡା. ପ୍ରସନ୍ନ କୁମାର ରାଠୋର, ସାହିତ୍ୟିକା ସୋହାଗିନୀ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ କହିଥିଲେ, ପରିଷଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ସାହିତ୍ୟ ଉପରେ ସୁପ୍ରଭାବ ପକାଇବ। ପରିଷଦର ସାଧାରଣ ସମ୍ପାଦକ ଗୋପାଳ ଚନ୍ଦ୍ର ଜେନା କାର୍ଯ୍ୟକ୍ରମ ପରିଚାଳନା, ଦୀପ୍ତି ରଞ୍ଜନ ସ୍ୱାଇଁ ମାନପତ୍ର ପାଠ କରିଥିଲେ। ଅନୁଷ୍ଠାନର ସହଯୋଗୀ ସମ୍ପାଦକ ପ୍ରେମାନନ୍ଦ ସେଠୀ ମଞ୍ଚ ଆମନ୍ତ୍ରଣ, କଳ୍ପନାର ପରିଚାଳିକା ବନ୍ଦନା ନାୟକ ମାନପତ୍ର ପାଠ କରିଥିଲେ ।

# ଔପନ୍ୟାସିକ ଚନ୍ଦ୍ରମଣିଙ୍କ ଲେଖନୀରେ ଥିଲା ସୃଜନଶୀଳତା

**କଟକ ଅଫିସ, ୩।୩**




ଆଲୋଚନାଚକ୍ରରେ ସାହିତ୍ୟିକ ବିଭୂତି ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି ।

ଓଡ଼ିଆ ଉପନ୍ୟାସ ଜଗତରେ ଚନ୍ଦ୍ରମଣି ଦାସ ସ୍ମରଣୀୟ ସ୍ରଷ୍ଟା। କାହ୍ନୁଚରଣଙ୍କ ପରି ତାଙ୍କ ଉପନ୍ୟାସ ସମ୍ଭାର ବେଶ୍ ପାଠକୀୟ ଆଦୃତି ଲାଭ କରିଥିଲା। 'ନରବଳି', 'ଭୁଲ୍ କାହାର', 'ଜନ୍ମଜନ୍ମାନ୍ତରେ', 'ହାଇଫେନ୍' ଆଦିରେ ଔପନ୍ୟାସକଙ୍କ ସୃଜନଶୀଳତା ଭରି ରହିଥିଲା। କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ରବିବାର ଆୟୋଜିତ ଚନ୍ଦ୍ରମଣି ଦାସ ଜନ୍ମଶତବାର୍ଷିକୀ ଆଲୋଚନାଚକ୍ରରେ ଅତିଥି ଓ ଆଲୋଚକମାନେ ଏହି କଥା କହିଛନ୍ତି। ଏହାବାଦ ପ୍ରେମପ୍ରଣୟ, ସାମାଜିକ ସମସ୍ୟା, ସମାଜବାଦୀ ଦୃଷ୍ଟିକୋଣ, ରହସ୍ୟରୋମାଞ୍ଚରେ ଦାସଙ୍କ ଉପନ୍ୟାସ ଏକ ବୃହତ୍ ପାଠକ ସମାଜ ସୃଷ୍ଟି କରିପାରିବାରେ ମଧ୍ୟ ସମର୍ଥ ହୋଇଥିଲା। କଟକ ଶତାବ୍ଦୀ ଭବନଠାରେ ଏହି ଆଲୋଚନାଚକ୍ରର ଉଦ୍‌ଘାଟନୀ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ଆବାହକ ଡ. ବିଜୟାନନ୍ଦ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଧିବେଶନକୁ ଉଦ୍‌ଘାଟନ କରି ବିଶିଷ୍ଟ ସାରସ୍ୱତ ସ୍ରଷ୍ଟା ଡ. ବିଭୂତି ପଟ୍ଟନାୟକ ଓଡ଼ିଆ ଉପନ୍ୟାସର ଧାରାରେ ଚନ୍ଦ୍ରମଣି ଦାସଙ୍କ ଉପନ୍ୟାସର ବିଶେଷତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ବିଶିଷ୍ଟ ସାହିତ୍ୟ ସମାଲୋଚକ ପ୍ରଫେସର ବୈଷ୍ଣବ ଚରଣ ସାମଲ ମୂଳ ପ୍ରବନ୍ଧ ଉପସ୍ଥାପନ କରି ଦାସଙ୍କ ଉପନ୍ୟାସର ବିଷୟ ବୈଚିତ୍ର୍ୟ ଓ ଏହାର ପ୍ରଭାବ ସମ୍ପର୍କରେ ଦର୍ଶାଇଥିଲେ। ସାହିତ୍ୟ ଏକାଡେମୀ ଆଞ୍ଚଳିକ କାର୍ଯ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀ ଡ. ମିହିର କୁମାର ସାହୁ ଅତିଥିଙ୍କୁ ସ୍ୱାଗତ, ଉତ୍କଳ ସାହିତ୍ୟ ସମାଜର ଉପସଭାପତି ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ସୂଚନା ପ୍ରଦାନ ଓ ମନୋଜ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ବିଶିଷ୍ଟ ଶିଶୁସାହିତ୍ୟ ସ୍ରଷ୍ଟା ଡ. ମହେଶ୍ୱର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ଡ. ରମେଶ ଚନ୍ଦ୍ର ବେହେରା ଓ ଡ. ସଞ୍ଜିତା ମିଶ୍ର ପ୍ରବନ୍ଧ ପାଠ କରିଥିଲେ। ସେହିପରି ବିଶିଷ୍ଟ ଗାଳ୍ପିକ ତରୁଣ କୁମାର ସାହୁଙ୍କ ଅକ୍ଷତାରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ପ୍ରବନ୍ଧ ପାଠ କରିଥିଲେ ଅସିତ ମହାନ୍ତି ଓ ଡ. ରଞ୍ଜିତା ନାୟକ। ପିତା ଚନ୍ଦ୍ରମଣି ଦାସଙ୍କ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ ପୁତ୍ର ପାର୍ବତୀ ଦାସ। ଉତ୍କଳ ସାହିତ୍ୟ ସମାଜର ସଂଗଠନ ସମ୍ପାଦକ ଜୀବନାନନ୍ଦ ଅଧିକାରୀ ଧନ୍ୟବାଦ ଦେଇଥିଲେ।



ମହାଶିବରାତ୍ରି ପାଇଁ କଟକ ଫିରିଙ୍ଗିବଜାର ଅଞ୍ଚଳରେ କାରିଗରମାନେ ଜାଗର ଟୋପି ପ୍ରସ୍ତୁତ କରୁଛନ୍ତି।



ମହାଶିବରାତ୍ରିର ଅବ୍ୟବହିତ ପୂର୍ବରୁ ରବିବାର ଆଲୋକମାଳାରେ ସଜ୍ଜିତ କଟକ ବକ୍ସିବଜାରସ୍ଥିତ ଅମରେଶ୍ୱର ମନ୍ଦିର।

